RNI REGD. No. : ODIODI/2020/78909

ନିଷ୍କର୍ଷ
NISHKARSHA

ସାପ୍ତାହିକ ଖବର କାଗଜ * weekly News Paper

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Chhanle. Nishkarsha Media
NISHKARSHA MEDIA ENTERTAINMENT & PUBLICATION
www.nishkarsha.com
www.nishkarsha.in

♦ VOLUME - 02 ♦ ISSUE- 14 ♦ CUTTACK ♦ 05 TO 11 APRIL - 2021 ♦ 8 PAGE ♦ RATE- 5/-■ ବର୍ଷ - ୦୨ ♦ ସଂଖ୍ୟା -୧୪ ♦କଟକ♦ ୦୫ ରୁ ୧୧, ଏପ୍ରିଲ ୨୦୨୧ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

ରାଜ୍ୟର ୧୦ଟି ଜିଲ୍ଲାରେ ଲାଗୁ ହେଲା ନାଇଟ କର୍ଫ୍ୟୁ

ଭୁବନେଶ୍ୱର (ଏନ୍.ଏମ୍.) : କରୋନା ସଂକ୍ରମଣ ବଢୁଥିବା ଦେଖି ରାଜ୍ୟ ସରକାର ୧୦ଟି ଜିଲ୍ଲାରେ ନାଇଟ୍ କର୍ଫ୍ୟୁ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆରସି) ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶ ଅନୁଯାୟୀ, ଏପ୍ରିଲ୍ ୫ ତାରିଖରୁ ଅର୍ଥାତ୍ ସୋମବାର ଠାରୁ ଏହାକୁ ଲାଗୁ କରାଯାଇଛି । ଯେଉଁସବୁ ଜିଲ୍ଲାଗୁଡ଼ିକ ପାଇଁ ଏହି କଟକଣା ଜାରି ହୋଇଛି, ସେଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଏହି କର୍ଫ୍ୟୁ ଲାଗୁ କରାଯାଇଛି । ଏହି ସବୁ ଜିଲ୍ଲା ଗୁଡ଼ିକରେ ରାତି ୧୦ଟାରୁ ସକାଳ ୫ଟା ଯାଏଁ ନାଇଟ୍ କର୍ଫ୍ୟୁ ଲାଗୁ କରିବାକୁ କୁହାଯାଇଛି । ଅନ୍ୟାଦେଶ ଯାଏଁ ଏହା ଲାଗୁ ହେବ । ତେବେ କୋଭିଡ ପ୍ରତିହତ କରିବା ନିମନ୍ତେ ରାଜ୍ୟ ସରକାର ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି ।

ବିଷ ବେପାର

ପଦ୍ମତୋଳା ବୋଲି କେଳା ପୁଅ ଦିନେ ଦେଖାଉଥିଲା ସାପ ଖେଳ । ଏଥିରୁ ଯାହା ରୋଜଗାର ହୁଏ ସେଥିରେ ଚଳୁଥିଲା ତା କୁଟୁମ୍ବ । ହେଲେ ବିଭିନ୍ନ ସରକାରୀ କଟକଣା ଯୋଗୁ ଏହି କୁଳ ବେଉସା ଏବେ ଡୁବିଯାଇଛି । ସାପକୁ ନେଇ ସିନା ବେଉସା ବୁଡିଛି । ମାତ୍ର ସାପ ଦ୍ୱରା ଏବେ ଚାଲିଛି କୋଟିକୋଟି ଟଙ୍କାର କାରବାର । ସାପ ବିଷର ବେପାର । ତା' ପୁଣି ଆମ ରାଜ୍ୟରେ ହେଉଛି । ଯେଉଁଥି ପାଇଁ ଅନ୍ଧକାରକୁ ଚାଲି ଯାଉଛି ଲକ୍ଷଲକ୍ଷ ଯୁବକଙ୍କ ଜୀବନ ।

କଟକ (ଏନ୍.ଏମ୍.) : ଭୁବନେଶ୍ୱରରେ ସାପବିଷ କାରବାରର ରହସ୍ୟର ଏବେ ପର୍ଦ୍ଦାଫାସ ହୋଇଛି । ଏନେଇ ବନବିଭାଗର ନିଦ ହଜିଯାଇଥିଲା ବେଳେ ଆରମ୍ଭ ହୋଇଛି ଖୋଳତାଡ । କାରଣ ଏହି ଜହର କାରବାରରେ ଲିଙ୍କ୍ ବିଦେଶକୁ ଲମ୍ବିଛି । ଭୁବନେଶ୍ୱରରୁ ସାପ ବିଷ ଚୀନ ଓ ଅନ୍ୟ ଦେଶକୁ ପଠାଯାଉଛି ବୋଲି ଅଶଙ୍କା ପ୍ରକାଶ ପାଇଥିଲା ବେଳେ ଜହର କାରବାରର ମୁଖ୍ୟ ପେଣ୍ଠସ୍ଥଳୀ ପାଲଟିଛି କୋଲକାତା ।

ଏଭଳି ଏକ ସଂଗୀନ ଘଟଣାର କ୍ରାଇମବ୍ରାଂଚ ତଦନ୍ତ କରୁ ବୋଲି ବନ ବିଭାଗ ଚାହୁଁଛ । ଏଥିପାଇଁ ୱାଇଲଡ ଲାଇଫ ପିସିସିଏଫଙ୍କୁ ଚିଠି ଲେଖିଛନ୍ତି ଭୁବନେଶ୍ୱର ସିଟି ଡିଏଫଓ । ଅଧିକ ତଦନ୍ତ ପାଇଁ କେନ୍ଦ୍ରୀୟ ସଂସ୍ଥା ୱାଇଲଡ ଲାଇଫ କ୍ରାଇମ କଂଟ୍ରୋଲ ବ୍ୟୁରେକ ଏକ ଟିମ୍ ବି ଭୁବନେଶ୍ୱର ଆସିବ ବୋଲି ଜଣାପଡ଼ିଛି । ଘଟଣାର ପର୍ଦ୍ଦାଫାସ ପରେ ଜଣେ ମହିଳାଙ୍କ ସମେତ ୬ ଜଣ ସାପ ବିଷ ଦଲାଲକୁ ଗିରଫ କରିବା ସହ ୧ ଲିଟର ୩୦୦ ମିଲିଲିଟର ବିଷ ଜବତ କରିଥିଲା ବନ ବିଭାଗ । ଯାହାର ମୂଲ୍ୟ ଦେଶରେ ଏକ କୋଟି ଓ ଅନ୍ତର୍ଜାତୀୟ ବଜାରରେ ୧୦ କୋଟି ହେବ ବୋଲି ହିସାବ କରାଯାଉଛି ।

ଭୁବନେଶ୍ୱରରୁ ପ୍ରାୟ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସାପ ବିଷ ଜବତ ହେବା ପରେ ଏହି କାରବାର ପଛରେ ବିଦେଶୀ ଲିଙ୍କ୍ ଥିବା ସନ୍ଦେହ ଘନୀଭୂତ ହୋଇଛି । ଗିରଫ ଅଭିଯୁକ୍ତଙ୍କୁ ଧରି ଜେରା କଲା ବେଳେ ଏଭଳି ଲିଙ୍କ ସୂଚନା ପାଇଛି ବନବିଭାଗ । ଦେଶୀ ଦଲାଲଙ୍କ୍ ଜରିଆରେ ଏହି ବିଷ ବିଦେଶ ଚାଲାଣ ହେଉଛି । ଏହି ବିଦେଶୀ ଲିଙ୍କ୍ ଦେଶୀ ଦଲାଲ ସହ ବିଦେଶୀ ବେପାରୀ ପାଖରେ ପହଞ୍ଚିବା ବନ ବିଭାଗ ପାଇଁ କାଠିକର ପାଠ । ଏ ନେଇ ବନ ବିଭାଗଖୁବ ଶୀଘ୍ର କ୍ରାଇମବ୍ରାଞ୍ଚକୁ ସୁପାରିସ କରିବ ବୋଲି ଜଣାପଡ଼ିଛି ।

ଅନ୍ୟପଟେ ଏହି ମାମଲାର ମାଷ୍ଟରମାଇଣ୍ଡ ସତ୍ୟ ନାରାୟଣ ଦାସ ଫେରାର ଅଛି । ସେ ଧରାପଡ଼ିଲେ ଆହୁରି ଅନେକ ତଥ୍ୟ ପଦାକୁ ଆସିବ । ଏଣୁ ତାକୁ ଧରିବା ପାଇଁ ଦୁଇଟି ସ୍ୱତନ୍ତ୍ର ଦଳ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି । ସତ୍ୟନାରାୟଣର ଘର ବଲାଙ୍ଗୀର ହୋଇଥିବାରୁ ସିଟି ଡିଏଫ୍ଓ ଅଶୋକ ମିଶ୍ର ଇତି ମଧ୍ୟରେ ବଲାଙ୍ଗୀର ଡିଏଫ୍ଓଙ୍କୁ ଚିଠି ଲେଖି ରାକେଟ୍ କିଙ୍ଗପିନ୍ ଠାବ କରିବା ପାଇଁ ସହାୟତା ଲୋଡ଼ିଛନ୍ତି । ସତ୍ୟର ପୁଅ ସୂରଜକୁ ବନ ବିଭାଗ ଗିରଫ କରିସାରିଥିବା ବେଳେ ସେ ପରିବାରର ଅନ୍ୟ ସଦସ୍ୟଙ୍କ ସହିତ ସଂପର୍କରେ ରହିଥିବା ସନ୍ଦେହ କରାଯାଉଛି । ସେହିଭଳି ଅଧିକ ତଦନ୍ତ ପାଇଁ ଜବଲପୁର କ୍ରାଇମ କଣ୍ଟ୍ରୋଲ ବ୍ୟୁରୋକୁ ମଧ୍ୟ ଚିଠି ଲେଖାଯାଇଥିବା ସୂଚନା ମିଳିଛି ।

କ୍ରାଇମ୍ବ୍ରାଞ୍ଚ ଏହି ମାମଲାର ତଦନ୍ତ କଲେ ବେପାର ପଛରେ ଥିବା କାହାଣୀ ପଦାକୁ ଆସିବ ବୋଲି କୁହାଯାଉଛି । ତେବେ ଏଯାବତ୍ ଯେତିକି ତଦନ୍ତ ହୋଇଛି ସେଥିରେ ଯେଉଁସବୁ ତଥ୍ୟ ଆସିଛି ତାହା ମଧ୍ୟ ସଂଘାତିକ । ସାପ ବିଷ ସଂଗ୍ରହ ହେବା ପରେ ଦଲାଲଙ୍କ ଜରିଆରେ ରାଜ୍ୟ ବେପାରୀଙ୍କ ପାଖରେ ପହଞ୍ଚୁଥିଲା । ସେମାନେ ରାଜ୍ୟ ବେପାରୀଙ୍କ ଠାରୁ ରାଜ୍ୟ ବାହାର ଦଲାଲଙ୍କ ଜରିଆରେ ଚାଲାଣ କରୁଥିଲେ । ଗିରଫ ହୋଇଥିବା ବାଲେଶ୍ୱର ବାଲିଆର ଜୟସ୍ମିତା ନାୟକ ଜରିଆରେ ଏହି ଜବତ ସାପ ବିଷ କୋଲକାତା ଯାଇଥାନ୍ତା । ସେଠାରୁ ବିମାନ ଯୋଗେ ଦେଶ ବାହାରକୁ ଚାଲାଣ କରାଯାଇଥାନ୍ତା ।

ଅପରପକ୍ଷରେ ସିଟି ବନ ବିଭାଗ ଜବତ ସାପ ବିଷ ମାମଲାର ଆଇନଗତଃ ପ୍ରକ୍ରିୟା ମଧ୍ୟ ଶେଷ କରିଛି । ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ)ଙ୍କୁ ଚିଠି ଲେଖି ଡିଏଫ୍ଓ ଘଟଣାର ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରିଛନ୍ତି । ଜବତ ସାପ ବିଷ କୋଲକାତା, ନାସିକ ଅଥବା ବେଙ୍ଗାଲୁର ଚାଲାଣ ହେବାକୁ ଥିବାରୁ ଏଥିରେ ଏକ ଅନ୍ତଃରାଜ୍ୟ ରାକେଟ୍ କାମ କରୁଥିବା ସ୍ପଷ୍ଟ ହୋଇଛି । ସତ ଧରାପଡ଼ିଲେ କେଉଁଠୁ ସାପ ବିଷ ସଂଗ୍ରହ କରାଗଲା, କେଉଁଠାକୁ ଏହା ଚାଲାଣ ହେଉଥିଲା, ରାକେଟ୍‌ରେ ଆଉ କିଏ ସଂପୃକ୍ତ ସବୁ କିଛି ପଦାକୁ ଆସିବ ବୋଲି ଶ୍ରୀ ମିଶ୍ର କହିଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ ସାପ ବିଷ ଚୋରା ଚାଲାଣ ମାମଲାରେ ସିଟି ଡିଭିଜନ୍ ତତ୍ତ୍ୱାବଧାନରେ ରାଜଧାନୀରୁ ପ୍ରାୟ ୧.୬ ଲିଟରର ସାପ ବିଷ ଜବତ କରାଯିବା ସହ ଜଣେ ମହିଳାଙ୍କ ସମେତ ୬ଜଣଙ୍କୁ ଗିରଫ କରାଯାଇଥିଲା । ଆନ୍ତର୍ଜାତିକ ବଜାରରେ ଏହାର ମୂଲ୍ୟ ପ୍ରାୟ ୧୬କୋଟିରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି । ଦେଢ଼ ଲିଟର ବିଷ ସଂଗ୍ରହ କରିବା ପାଇଁ ପ୍ରାୟ ଏକ ହଜାର ସାପଙ୍କର ଆବଶ୍ୟକତା ପଡ଼ିଥାଏ । ଏଣୁ ଏତେଗୁଡ଼ାଏ ସାପ ଧରି ବିଷ ସଂଗ୍ରହ କରିବା ଦୁରୂହ ବ୍ୟାପାର । ଏହି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

ପିପିଲି ଉପନିର୍ବାଚନ

ପ୍ରସ୍ତୁତ ବିଜେଡି ବ୍ରିଗେଡ, ନିର୍ବାଚନ ପରିଚାଳନ ପାଇଁ ୪ ବରିଷ୍ଠ ନେତାଙ୍କୁ ଦାୟିତ୍ୱ

ଭୁବନେଶ୍ୱର (ଏନ୍.ଏମ୍.) : ଆଉ ଦିନ କେଇଟା ପରେ ପିପିଲି ଉପନିର୍ବାଚନ । ଏଥିଲାଗି ସବୁ ପ୍ରମୁଖ ଦଳ ନିଜ ନିଜର ପ୍ରସ୍ତୁତିକୁ ଜୋରଦାର କରିଛନ୍ତି । ତିନି ପ୍ରମୁଖ୍ୟ ଦଳର ଆଶାୟୀ ପ୍ରାର୍ଥୀ ନିଜ ନିଜର ପ୍ରାର୍ଥୀ ପତ୍ର ଦାଖଲ କରିସାରିଛନ୍ତି । ନିର୍ବାଚନ ପାଇଁ କ୍ୟାମ୍ପେନ ମଧ୍ୟ ଆରମ୍ଭ ହୋଇଛି । ତେବେ ଏସବୁ ଭିତରେ ବିଜେଡ଼ି ନିଜ ପିପିଲି ଗଡ଼ ବଜାୟ ରଖିବାକୁ ଦଳର ବରିଷ୍ଠ ନେତାଙ୍କୁ ଦାୟିତ୍ୱ ଦେଇଛି । ନିର୍ବାଚନ ପରିଚାଳନା ନେଇ ଦଳର ୪ ପୁରୁଖା ନେତାଙ୍କୁ ଦିଆଯାଇଛି ଦାୟିତ୍ୱ । ଦେବୀ ମିଶ୍ର, ମହେଶ୍ୱର ମହାନ୍ତି, ସଞ୍ଜୟ ଦାସବର୍ମା ଓ ପ୍ରତାପ ଦେବଙ୍କୁ ଦାୟିତ୍ୱ ମିଳିଛି । ୪ନେତାଙ୍କୁ ଏହି ପରିଚାଳନା ଦାୟିତ୍ୱ ଦେଇଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏ ନେଇ ବିଜେଡି ସାଧାରଣ ସମ୍ପାଦକ (ଗଣମାଧ୍ୟମ ବ୍ୟାପାର) ମାନସ ମଙ୍ଗରାଜଙ୍କ ସୂଚନା ଦେଇଛନ୍ତି । ବିଜେଡି ପ୍ରାର୍ଥୀ ରୁଦ୍ର ମହାରଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଏବେ ଅସଲ ଲଢେଇ ହେବ । ଆଜିଠାରୁ ପ୍ରଚାରକୁ ଜୋରଦାର କରିବେ ଜୁନିୟର ମହାରଥୀ । ବାପାଙ୍କ ଗଡରେ ବିଜେଡି ଧ୍ୱଜା ଉଡାଇବାକୁ ମାର୍ଗଦର୍ଶନ କରିବେ ବିଜେଡିର ଏହି ଶୀର୍ଷ ୪ ରଣନୀତିକାର । ତେବେ ଉପନିର୍ବାଚନ ପାଇଁ ବିଜେଡ଼ିରୁ ରୁଦ୍ର ମହାରଥୀ ଥିବାବେଳେ କଂଗ୍ରେସରୁ ଅଜିତ ମଙ୍ଗରାଜ ଓ ବିଜେପିରୁ ଆଶ୍ରିତ ପଟ୍ଟନାୟକ ମଧ୍ୟ ପାଗଭିଡ଼ିଛନ୍ତି । କିଏ କେଉଁ ପ୍ରକାରରେ ଭୋଟ ବ୍ୟାଙ୍କ ବୃଦ୍ଧି କରିବ ନିଜ ନିଜ ରଣନୀତି ପ୍ରସ୍ତୁତ କରିଛନ୍ତି ।

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

ସାରଳା ଦାସଙ୍କ ମହାଭାରତ ବାସ୍ତବିକ ଅନନ୍ୟ -ଉପରାଷ୍ଟ୍ରପତି

ବିଶ୍ୱଭୂଷଣଙ୍କୁ 'କଳିଙ୍ଗ ରତ୍ନ'

କଟକ (ଏନ୍.ଏମ୍.) : ସାରଳା ଦାସ ହେଉଛନ୍ତି ଆଧୁନିକ ଓଡିଆ ଭାଷାର ଜନକ । ପଞ୍ଚଦଶ ଶତାବ୍ଦୀର ଆଦିକାଳରେ ପ୍ରଚଳିତ ଭାଷାକୁ ବ୍ୟବହାର କରି ସାହିତ୍ୟକୁ ଲୋକାଭିମୁଖୀ କରିବାରେ ଆଦିକବି ସାରଳା ଦାସ ଥିଲେ ଅଗ୍ରଦୂତ । ଜଟିଳ ଭାବକୁ ବ୍ୟକ୍ତ କରି ସମସ୍ତେ ବୁଝିପାରିବା ଭଳି ସରଳ ଭାଷାରେ ସାହିତ୍ୟ ରଚନା କରିବା ସହଜ ନୁହେଁ । ମାତ୍ର ଏହା କରିପାରିଛନ୍ତି ସାରଳା ଦାସ । ଯାହାକି ଜନମାନସର ହୃଦୟ ଜିତିପାରିଛି । ଆଦିକବି ସେହିପରି ଜଣେ ମହାନ୍ ବ୍ୟକ୍ତିତ୍ୱ ଥିଲେ ବୋଲି ଉପରାଷ୍ଟ୍ରପତି ଭେଙ୍କିଆ ନାଇଡୁ ମତବ୍ୟକ୍ତ କରିଛନ୍ତି । କଟକସ୍ଥିତ ସାରଳା ଭବନରେ ଆଦିକବି ସାରଳା ଦାସଙ୍କ ୬୦୦ତମ ଜନ୍ମବାର୍ଷିକୀ ଯୋଗ ଦେଇ ଉପରାଷ୍ଟ୍ରପତି କହିଛନ୍ତି ଯେ ସାରଳା ଦାସଙ୍କ ଦ୍ୱାରା ଲିଖିତ ମହାଭାରତ ବାସ୍ତବିକ ଅନନ୍ୟ ବୋଲି ମୁଁ ବିବେଚନା କରେ । ବ୍ୟାସଙ୍କ ମହାଭାରତ ଅନେକ ଭାରତୀୟ କବିଙ୍କ ଦ୍ୱାରା ଅନୁଦିତ ହୋଇଛି, ମାତ୍ର ସାରଳା ଦାସ ଏପରି ଏକ କାଳଜୟୀ ମହାକାବ୍ୟ ରଚନା କରିଛନ୍ତି ଯାହା ସମସ୍ତ ଓଡ଼ିଆ ଭାଷାଭାଷୀ ଲୋକଙ୍କ ଜନମାନସରେ ବସା ବାନ୍ଧିବାରେ ସକ୍ଷମ ହୋଇଛି ବୋଲି ଉପରାଷ୍ଟ୍ରପତି ଶ୍ରୀ ନାଇଡୁ କହିଛନ୍ତି । ତାଙ୍କ ରଚିତ ମହାଭାରତ କେବଳ ମାତ୍ର ସାହିତ୍ୟ କୃତି ନୁହେଁ, ଏହା ତତ୍କାଳୀନ ଓଡ଼ିଶାର ରାଜନୈତିକ ଓ ସାଂସ୍କୃତିକ ଇତିହାସ ଓ ଭୂଗୋଳ ସମ୍ପର୍କରେ ଅନେକ ତଥ୍ୟର ଗନ୍ତାଘର । ମାତୃଭାଷା ହିଁ ମା',

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

କଟକରେ ଗାନ୍ଧୀ ସ୍ମାରକୀ ସ୍ଥାପତ୍ୟକଳା ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ

ଗାନ୍ଧୀ ଓ ଗୋପବନ୍ଧୁଙ୍କ ଆଦର୍ଶ ଯୁବ ସମାଜକୁ ପ୍ରେରଣା ଯୋଗାଇବ : ମୁଖ୍ୟମନ୍ତ୍ରୀ

କଟକ (ଏନ୍.ଏମ୍.) : ଉତ୍କଳ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି କଟକରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ କରି ଦୁଇ ମହାମନିଷୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଆଜିର ଏହି ପବିତ୍ର ଦିବସ ଅବସରରେ ଗାନ୍ଧୀ ଓ ଗୋପବନ୍ଧୁଙ୍କର ଆଦର୍ଶ ଏବଂ ଚିନ୍ତାଧାରା ଯୁବ ସମାଜକୁ ଦେଶ ତଥା ଜାତି ପାଇଁ ଅଧିକ ସମର୍ପିତ ଭାବରେ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ମହାତ୍ମାଙ୍କ ଓଡ଼ିଶା ଆଗମନର ସ୍ମାରକୀ ଭାବରେ ଆଜି ଉତ୍କଳ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଠଯୋଡ଼ିର ବେଲ୍‌ଭିଉ ଛକରେ ନିର୍ମିତ ଗାନ୍ଧୀ ସ୍ମାରକୀ ସ୍ଥାପତ୍ୟକଳାର ଲୋକାର୍ପଣ କରିଛନ୍ତି । ଏଥିରେ ଗାନ୍ଧିଜୀଙ୍କ ବିଭିନ୍ନ ଆନ୍ଦୋଳନର ଦୃଶ୍ୟ ସମେତ ତାଙ୍କ ଆଦର୍ଶ ଓ ନୀତି ସୁନ୍ଦର ଭାବରେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

ନିଦ ଭରା ରାତି ମଧୁ ଝରା ଜହ୍ନ..., ନୂପୁର କାହିଁକି ମୁଁ ବାନ୍ଧିଲି..., ମୁଁ ତୁମକୁ ଭଲ ପାଏ ଲୁଚି ଲୁଚିକା...ର ସ୍ୱରକାର

ବିଶିଷ୍ଟ ନିର୍ଦ୍ଦେଶକ ଜେ. ଆଦେନୀଙ୍କ ପରଲୋକ

କଟକ(ଏନ୍.ଏମ୍.) : ନିରବି ଯାଇଛି ନିଦ ଭରା ରାତି । ଏହି ଲୋକପ୍ରିୟ ଗୀତର ସଙ୍ଗୀତକାର ତଥା ବରିଷ୍ଠ ଚଳଚ୍ଚିତ୍ର ନିର୍ଦ୍ଦେଶକ ଜଂ ଜଲାଲ୍ ଆଦେନୀଙ୍କର ଗତସୋମବାର ଭୋର୍ ପ୍ରାୟ ୩ଟା ୩୦ରେ ବକ୍ସି ବଜାରସ୍ଥିତ ପେନ୍‌ସନ୍ ଲେନ୍ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା । ସେ କିଛିଦିନ ହେବ ଅସୁସ୍ଥ ଥିଲେ । ପରେ ଭଲ ହୋଇ ଘରକୁ ଫେରିଥିଲେ । କିନ୍ତୁ ଗତକାଲି ରାତିରେ ଛାତିରେ ପୁଣିଥରେ ଯନ୍ତ୍ରଣା ଅନୁଭବ କରିଥିଲେ । ପରେ ତାଙ୍କର ପରଲୋକ ହୋଇଥିବା ତାଙ୍କ ପରିବାର ସୂତ୍ରରୁ ଜଣାପଡ଼ିଛି । ସେ ଜଣେ ବରିଷ୍ଠ ପ୍ରଯୋଜକ, ନିର୍ଦ୍ଦେଶକ ତଥା ଅଭିନେତା ଭାବେ ଓଲିଉଡ୍‌ରେ ବେଶ୍ ପରିଚିତ ଥିଲେ । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଝିଅ ଜବୀନ ଆଦେନୀ ଏବଂ ପୁଅ ପରଭେଜ୍ ଆଦେନୀଙ୍କ ସହିତ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ତାଙ୍କ ପରଲୋକ ଖବର ପାଇଁ ଓଲିଉଡ୍‌ର ବହୁ କଳାକାର ତାଙ୍କୁ ଶେଷଦର୍ଶନ କରିବା ସହିତ ଗଭୀର ଶୋକପ୍ରକାଶ କରିଥିଲେ । ଜଂ ଶ୍ରୀ ଆଦେନୀ ୨୩ ଜୁନ୍ ୧୯୩୬ ମସିହାରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗରଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପା ଏମ୍ ନଜରିଆ ଆଦେନୀ ଏବଂ ମା' ଲତିଫା ବିବି ପ୍ରଥମରୁ ହିଁ ଗଣ୍ଡୁଥିଲେ ବଡପୁଅ ଭଲ ପାଠସାଠ ପଢ଼ି ଇଞ୍ଜିନୟରଟିଏ ହେଉ । କିନ୍ତୁ ନାଟ ତାମ୍‌ସା ପାଇଁ ଜଲାଲ୍‌ଙ୍କର ପିଲାଦିନରୁ ଇଚ୍ଛା ଥିଲା । ଗାଁ ଡ୍ରାମାରେ ମହିଳା ଚରିତ୍ରରେ ଅଭିନୟ କରି ନିଜ ପ୍ରତିଭାର ପରିଚୟ ଦେଇଥିଲେ । କୁଇନ୍ ମିସନ୍ ସ୍କୁଲ୍‌ରୁ ପାଠ ପଢ଼ିବା ପରେ ଖଲ୍ଲିକୋର୍ଟ କଲେଜରେ ଅଧ୍ୟୟନ କରିଥିଲେ । ପରେ କଲିକତାସ୍ଥିତ ଯାଦବପୁର ଇଞ୍ଜିନୟରିଂ କଲେଜରୁ ଶିକ୍ଷାଲାଭ କରିବା ପରେ ରେଲ୍‌ୱେରେ ଜଣେ ଇଞ୍ଜିନିୟର ଭାବରେ ଚାକିରି ଜୀବନ ଆରମ୍ଭ କରିଲେ । ସ୍କୁଲ୍‌ଠାରୁ କଲେଜ ସବୁଠି ସେ ଅଭିନୟ ମାଧ୍ୟମରେ ସମସ୍ତଙ୍କ ନିକଟରେ ଏକ ପରିଚୟ ତିଆରି କରି ସାରିଥିଲେ । ପରେ ଆଉ ତାଙ୍କର ଚିକିରିରେ ମନ ଲାଗିନଥିଲା । ତେଣୁ ସେ ଚାକିରି ଛାଡ଼ି ପୁଣି ଥରେ ଓଡ଼ିଶା ଫେରି ଆସିଥିଲେ । ଓଡ଼ିଶା ଫେରିବା ପରେ ବ୍ରହ୍ମପୁରରେ ଏକ ଥିଏଟର୍ ଖୋଲିଲେ । କିନ୍ତୁ ଏହା ତାଙ୍କୁ ସାଥ୍ ଦେଲାନି । ତେଣୁ ସେ ଏହାକୁ ବନ୍ଦ କରିଦେଲେ । ତେଣୁ ପୁଣି ନିଷ୍ପତ୍ତି ନେଲେ ନା ଏଥର ସିନେମା ତିଆରି କରିବି । ପ୍ରଥମେ 'କିଏ ବୁଝିବ' ଟାଇଟଲ୍‌ରେ ଏକ ଚଳଚ୍ଚିତ୍ରର କାମ ଆରମ୍ଭ କରିଦେଲେ । ଏଥିରେ ସେ ପ୍ରଥମଥର ପାଇଁ ବିଶିଷ୍ଟ ନାଟ୍ୟକାର ତଥା ସଂଳାପ ଲେଖକ ସ୍ୱର୍ଗତ ବିଜୟ ମିଶ୍ରଙ୍କୁ ପ୍ରଥମେ ସଂଳାପ ଲେଖିବାର ସୁଯୋଗ ଦେଇଥିଲେ । କିନ୍ତୁ ଅଧା କାମ ହେବା ପରେ ଏହା ବନ୍ଦ ହୋଇଗଲା । ଏହା ତାଙ୍କୁ କିଛି ପରିମାଣରେ ଆଘାତ ଦେଇଥିଲା । କେବଳ ବିଜୟ ମିଶ୍ର ନୁହନ୍ତି ଓଡ଼ିଶାର ଅନ୍ୟତମ ଲୋକପ୍ରିୟ ଗୀତିକାର ସ୍ୱର୍ଗତ ନିଜାମ୍ ଏବଂ ଶୀର୍ଶାନନ୍ଦ ଦାସ କାନୁନ୍‌ଗୋ ଏବଂ ବିଶିଷ୍ଟ କଣ୍ଠଶିଳ୍ପୀ ତାନ୍‌ସେନ୍ ସିଙ୍କୁ ମଧ୍ୟ ଓଲିଉଡ୍‌ରେ ପ୍ରଥମଥର ସୁଯୋଗ ଦେଇଥିଲେ ।

ଜଂ ଆଦେନୀ ୧୯୭୭ ମସିହାରେ ନିଜେ ନିର୍ମାଣ କଲେ ଓଡ଼ିଆ ଚଳଚ୍ଚିତ୍ର 'ଅନୁତାପ' । ଏଇଠୁ ତାଙ୍କ ସିନେମା ନିଶା ଆହୁରି ବଢ଼ିଗଲା । ଏଥିରେ ଥିବା ୪ଟି ଗୀତ ସବୁ ମାଇଲ୍‌ଷ୍ଟୋନ୍ ହୋଇ ରହିଗଲା । ସିନେମାଟି ମଧ୍ୟ ସାରା ଓଡ଼ିଶାରେ ଚହଳ ପକାଇବା ସହିତ ସୁପର୍‌ଡୁପର୍ ହିଟ୍‌ର ମାନ୍ୟତା ପାଇଥିଲା । ଏଥିରେ ନିଜାମ୍‌ଙ୍କ ଲିଖିତ ଗୀତ ଓ ନିର୍ମଳା ମିଶ୍ରଙ୍କ କଣ୍ଠସ୍ୱର ସମସ୍ତଙ୍କୁ ଦିଓ୍ୱାନା କରିଦେଇଥିଲା । ଏହି ଫିଲ୍ମରେ ଜଲାଲ୍ ନିର୍ଦ୍ଦେଶନା ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେବା ସହିତ ଅଭିନୟ କରିଥିଲେ । ଏଥିରେ ସେ ଏକ ମୃତ ଜମଦଦ୍ଦାରର ଚରିତ୍ରରେ ନିଜେ ପରଦାକୁ ଆସିଥିଲେ । ଏଥିରେ ତାଙ୍କ ଝିଅ ଜବୀନ ଆଦେନୀ ମଧ୍ୟ ଭଜନ ସମ୍ରାଟ ଭିକାରୀ ବଳଙ୍କ ସହିତ ଏକ ଡୁଏଟ୍ ଗୀତ ଗାଇଥିଲେ । ଏହା ପରେ ଜ

ଓଡ଼ିଆ ପ୍ରେମରେ ରାଗିଣୀ

ଓଡ଼ିଆ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରି ଏବେ ଅଣ ଓଡ଼ିଆ କଳାକାରଙ୍କୁ ବେଶ ଆକୃଷ୍ଟ କରିପାରିଛି । ଫଳରେ ବହୁ ଅଣ ଓଡ଼ିଆ କଳାକାର ଏକେ ଓଡ଼ିଆ ସିନେମା ପ୍ରେମରେ ପଡ଼ିଯାଇଛନ୍ତି । ବିଶେଷ କରି ପଶ୍ଚିମବଙ୍ଗରୁ ବହୁ କଳାକାର ଓଡ଼ିଆ ଚଳଚ୍ଚିତ୍ରରେ ନିଜର ଅଭିନୟ ଯାଦୁ ଦେଖାଇବା ସହିତ ଓଡ଼ିଆ ଦର୍ଶକଙ୍କ ଠାରୁ ବେଶ ପ୍ରଶଂସା ସାଉଁଟିରେ ସଫଳ ହୋଇଛନ୍ତି । ହଲିଉଡ଼ ଓ ବଲିଉଡ଼ରେ ବହୁ ଚଳଚ୍ଚିତ୍ରରେ ଅଭିନୟ କରିବା ପରେ ମଧ୍ୟ ଓଲିଉଡ଼ରେ ଥରେ ଅଧେ ଅଭିନୟ ନକଲେ ସତେଯେମିତି ସେମାନଙ୍କ ଅଭିନୟର କଳା ଅଧୁରା ରହିଯିବ ବୋଲି ବହୁ ଅଣଓଡ଼ିଆ କଳାକାରଙ୍କ ମତ । ଅନ୍ୟପକ୍ଷରେ ଓଡ଼ିଆ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିଜରେ କାମ କରିବାର ମଜା ନିଆରା ବୋଲି କହିଛନ୍ତି ବହୁ ଅଣଓଡ଼ିଆ କଳାକାର । ବିଶେଷ କରି ଓଡ଼ିଶାରେ ବହୁତ ଭଲ ପ୍ରଯୋଜକ, ନିର୍ଦ୍ଦେଶକ ତଥା କଳାକାର ଅଛନ୍ତି । ସମସ୍ତେ କାମ ଉପରେ ପରସ୍ପରକୁ ସହଯୋଗ କରିଥାନ୍ତି । ଫଳରେ ଏଠାରେ କାମକଲାବେଳେ ସମସ୍ତେ ଆପଣାର ଲଗିଥାନ୍ତି ବୋଲି ଓଡ଼ିଆ ଚଳଚ୍ଚିତ୍ରରେ କାମ କରିଥିବା କଳାକାରମାନେ ପ୍ରକାଶ କରିଛନ୍ତି ।

ବଙ୍ଗୀୟ ସୁନ୍ଦରୀ ରଚନା, ଝିଲିକଙ୍କ ପରେ ଓଡ଼ିଆ ଓ ଓଡ଼ିଶା ପ୍ରେମରେ ପଡ଼ିଯାଇଛନ୍ତି ଅଭିନେତ୍ରୀ ରାଗିଣୀ ସୂତ୍ରଧର । ବଙ୍ଗଳାରେ ଜନ୍ମିତ ଏହି ଅଭିନେତ୍ରୀ ରହନ୍ତି ମୁମ୍ବଇରେ । ବଙ୍ଗଳା ସହ ହିନ୍ଦୀ ଚିତ୍ର ବି ସେ କରିଛନ୍ତି । ହେଲେ ତାଙ୍କ ମନ ରହିଯାଇଛି ଓଲିଉଡରେ ।ଓଡ଼ିଶା ଆସିଲେ ସହଜରେ ଛାଡ଼ିଯିବାକୁ ମନ ହୁଏନା । ଓଡ଼ିଆ ଖାଦ୍ୟ, ଓଡ଼ିଶାର ପରିବେଶ ଓ ଚଳଚ୍ଚିତ୍ରକୁ ସେ ଭଲ ପାଆନ୍ତି ବୋଲି କହନ୍ତି । ଯଦିଓ ଅଧିକ ଓଡ଼ିଆ ଚିତ୍ରରେ ତାଙ୍କୁ ସୁଯୋଗ ମିଳିନି ତେବେ ତାଙ୍କ ଲକ୍ଷ୍ୟ ରହିଛି କିଛି ଭଲ ଚିତ୍ରରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ବସା ବାନ୍ଧିବା । ସବୁଠାରୁ ବଡ଼ କଥା ହେଉଛି ଓଡ଼ିଆରେ କଥା ହେବା ମଧ୍ୟ ଶିଖିଯାଇଛନ୍ତି ରାଗିଣୀ । ଏସବୁ କେବଳ ୟୁନିଟ୍ ଲୋକଙ୍କ ଦ୍ୱାରା ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି । 'ଦେଖା ହେଲା ପ୍ରେମ ହେଲା' ପରେ ରାଗିଣୀ ଏବେ ଦିଲୀପ ପଣ୍ଡାଙ୍କ ନିର୍ଦ୍ଦେଶିତ 'ଲାଗେ ପ୍ରେମ ନଜର' ଚିତ୍ରରେ ଅଭିନୟ କରୁଛନ୍ତି । ଓଡ଼ିଆ ଦର୍ଶକଙ୍କ ଭଲ ପାଇବା ତାଙ୍କୁ ଅଭିଭୂତ କରିଥିବା ସେ ମତବ୍ୟକ୍ତ କରିଛନ୍ତି ।

ଦୁଇଥର କାଷ୍ଟିଂ କାଉଚର ଶିକାର ହୋଇଛନ୍ତି ଟେଲି ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ

ମୁମ୍ବାଇ (ଏଜେନ୍ସି): ଟେଲିଭିଜନ ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ ନିଜ ସଂପର୍କରେ ଏକ ବଡ଼ ଘଟଣାର ଖୁଲାସା କରିଛନ୍ତି । ସେ ଗ୍ଲାମର୍ ଇଣ୍ଡଷ୍ଟ୍ରିକୁ ଆସିବା ପରଠାରୁ ଦୁଇ ଥର କାଷ୍ଟିଂ କାଉଚ୍ର ଶିକାର ହୋଇଥିବା କଥା ନିକଟରେ ସ୍ୱୀକାର କରିଛନ୍ତି ।

ପ୍ରଥମ ଥର ପାଇଁ ତାଙ୍କୁ ୧୯-୨୦ ବର୍ଷ ହୋଇଥିବା ସମୟରେ ସେ କାଷ୍ଟିଂ କାଉଚର ଶିକାର ହୋଇଥିବା ବେଳେ ଦ୍ୱିତୀୟ ଥର ଇଣ୍ଡଷ୍ଟ୍ରିରେ ସଫଳତା ପାଇବା ପରେ ହିଁ ସେ ଏପରି ପରିସ୍ଥିତିର ସାମ୍ନା କରିଥିବା କହିଛନ୍ତି । ସେ ନିକଟରେ ଏକ ସାକ୍ଷାତକାରରେ କହିଛନ୍ତି କି ପ୍ରଥମ ଘଟଣା ବେଳକୁ ସେ ଖୁବ୍ ସାନ ଥିଲେ । ଏକ ସାଉଥ୍ ଚଳଚ୍ଚିତ୍ରରେ ଅଭିନୟ କରିବା ପାଇଁ ପ୍ରଯୋଜକଙ୍କ ସହ ତାଙ୍କୁ ସାଲିସ୍ କରିବାକୁ କୁହାଯାଇଥିଲା । ମାତ୍ର ସେ ସାନ ଥିଲେ ବି ମୁହଁରେ ରୋକଠୋକ୍ ଜବାବ ଦେଇ ସେଠାରୁ ଫେରି ଆସିଥିଲେ । ପରେ ତାଙ୍କୁ ସେହି ଚଳଚ୍ଚିତ୍ରରେ ଅଭିନୟ କରିବାକୁ ଯେତେ ବୁଝା ଯାଇଥିଲେ ବି ସେ ଆଉ ମାନି ନଥିଲେ । ଦ୍ୱିତୀୟ ଥର ଜଣେ ବଡ଼ ଅଭିନେତାଙ୍କ ଦ୍ୱାରା କାଷ୍ଟିଂ କାଉଚର ଶିକାର ହୋଇଥିଲେ ଅଙ୍କିତା । ସେ କହିଛନ୍ତି କି, ଏକ ଚଳଚ୍ଚିତ୍ରରେ ଅଭିନୟ କରିବା ନେଇ ସେ ଜଣେ ଅଭିନେତାଙ୍କୁ ଭେଟିଥିଲେ । ମାତ୍ର ସେ ଯେଉଁଭଳି ଭାବେ ଅଙ୍କିତାଙ୍କ ସହ ହାତ ମିଳାଇଥିଲେ ସେଥିରୁ ଅଙ୍କିତା ତାଙ୍କର ଖରାପ ଉଦେଶ୍ୟ ବୁଝି ପାରିଥିଲେ । ତେଣ ସେ ସେଠୁ ମଧ୍ୟ ତୁରନ୍ତ ପଳାଇ ଆସିଥିଲେ । ସେ ତାଙ୍କୁ ଏଭଳି ବ୍ୟବହାର କରିବାକୁ ଆଗେଇ ଆସିଥିବା ବ୍ୟକ୍ତି ଜଣକ ଜଣେ ବଡ଼ କଳାକାର ହୋଇଥିବାରୁ ଅଙ୍କିତା ତାଙ୍କ ନାମ ନେବାକୁ ଚାହୁଁନଥିବା କହିଛନ୍ତି ।

ଏପ୍ରିଲ ୩୦ ତାରିଖରେ ପରଦାକୁ ଆସିବ 'ସୂର୍ଯ୍ୟବଂଶୀ'

ମୁମ୍ବାଇ (ଏଜେନ୍ସି): ଲୋକପ୍ରିୟ ବଲିଉଡ଼ ନିର୍ମାତା-ନିର୍ଦ୍ଦେଶକ ରୋହିତ ଶେଟ୍ଟୀ ରବିବାର (୧୪ ମାର୍ଚ୍ଚ) ନିଜ ଜନ୍ମଦିନ ପାଳନ କରୁଛନ୍ତି । ଏହି ଅବସରରେ ପ୍ରଶଂସକଙ୍କୁ ସେ ଏକ ଖାସ୍ ଉପହାର ଦେଇଛନ୍ତି । ତାଙ୍କର ବହୁ ଚର୍ଚ୍ଚିତ ଚଳଚ୍ଚିତ୍ର 'ସୂର୍ଯ୍ୟବଂଶୀ'ର ନୂଆ ରିଲିଜ୍ ତାରିଖ ଘୋଷଣା କରିଛନ୍ତି ରୋହିତ୍ । ସାମାଜିକ ଗଣମାଧ୍ୟମ ଜରିଆରେ ସେ ଏହି ଫିଲ୍ମର ରିଲିଜ୍ ତାରିଖ ସମ୍ବନ୍ଧୀୟ ସୂଚନା ଦେଇଛନ୍ତି । ନିଜ ଅଫିସିଆଲ ଇନଷ୍ଟାଗ୍ରାମ ଆକାଉଣ୍ଟରେ ସେ ଫିଲ୍ମର ଏକ ଟିଜର ଶେୟାର କରିଛନ୍ତି । ଏହି ଟିଜର ସହିତ ସେ ଘୋଷଣା କରିଛନ୍ତି ଯେ 'ସୂର୍ଯ୍ୟବଂଶୀ' ଏପ୍ରିଲ ୩୦ ତାରିଖରେ ପରଦାକୁ ଆସିବ ।

ମୋଟାପା ଆପଣଙ୍କର ମୁଖ୍ୟ ସମସ୍ୟା କି ? ଆପଣାନ୍ତୁ ଏହି ଉପାୟ

ମୋଟାପା ଏକ ବେମାରୀ ସଦୃଶ । ଟିକେ ସତର୍କ ନହେଲେ ଦେହରେ ଚର୍ବି ଲାଗିବା ଅତି ସାଧାରଣ କଥା । ମାତ୍ର ଆମେ ଚାହିଁଲେ ଛୋଟ ଛୋଟ ସଚେତନତା ଅବଲମ୍ବନ କରି ତାହାକୁ ରୋକିପାରିବା । ଓଜନ କମାଇବା ପାଇଁ ଆମକୁ କୌଣସି ଜିମ୍ ଜଏନ୍ କରିବାର ବା ଆମ ପ୍ରିୟ ଖାଦ୍ୟ ତ୍ୟାଗ କରିବାର ଆପଶ୍ୟକତା ପଡ଼ିବ ନାହିଁ । ତେବେ ଚାଲନ୍ତୁ ଜାଣିବା କେଉଁ ସରଳ ଉପାୟ ଅବଲମ୍ବନ କରି ଆମେ ନିଜ ଓଜନକୁ ଆୟତ୍ତରେ ରଖିପାରିବା । କେବଳ ଯେ ଫାଷ୍ଟଫୁଡ୍ ବା ତୈଳଯୁକ୍ତ ଖାଦ୍ୟ ଖାଇଲେ ଓଜନ ବୃଦ୍ଧି ପାଇଥାଏ ତା ନୁହେଁ । ସର୍କରା ପରିମାଣ ଶରୀରରେ ବଢ଼ିଲେ ଚର୍ବି ବଢ଼େ ଓ ଚର୍ବି ବଢ଼ିଲେ ଓଜନ ବୃଦ୍ଧି ପାଏ । ତେଣୁ ଯେତେ ପାରୁଛନ୍ତି ମିଠା ଖାଇବା ଉପରେ ଆୟତ୍ତ ଲଗାନ୍ତୁ । ମିଠା ସବୁଠାରୁ ଅଧିକ ଓଜନ ବୃଦ୍ଧିକାରୀ ଉପାଦାନ ହୋଇଥାଏ । ସକାଳ ଖାଇବା କେବେ ବି ଛାଡ଼ନ୍ତୁ ନାହିଁ । ସକାଳ ଖାଇବା ଖାଉନଥିବା ବ୍ୟକ୍ତିଙ୍କ ପକ୍ଷେ ଓଜନ ବଢ଼ିବାର ସମସ୍ୟା ଅଧିକ ରହିଛି । ଆପଣ ନିୟମିତ ଭାବେ ବ୍ରେକ୍ଫାଷ୍ଟ୍ ନିଅନ୍ତୁ । ଏହା ମଧ୍ୟ ଶରୀର ଉପରେ ସକରାତ୍ମକ ପ୍ରଭାବ ପକାଇବ । ବିଳମ୍ବିତ ରାତ୍ରିରେ ଶେଇବା ଓଜନ ବୃଦ୍ଧିର ଅନ୍ୟତମ କାରଣ ହୋଇଥାଏ । ଧ୍ୟାନ ଦିଅନ୍ତୁ ରାତି ୧୨ଟା ପରେ ଯେପରି ଆପଣ ନଚାହାନ୍ତି । ଶୀଘ୍ର ଶୋଇ ଶୀଘ୍ର ଉଠିବା କେବଳ ଓଜନ କ୍ଷେତ୍ରରେ ନୁହେଁ, ଅନ୍ୟ ସମସ୍ତ ଶାରୀରିକ ସମସ୍ୟାକୁ ମଧ୍ୟ ଦୂରେଇ ଦେଇଥାଏ ।

ଛତୁଆ ଖାଇବା ଦ୍ୱାରା ଗ୍ୟାସଟିକ, ଏସିଡ଼ିଟି ଭଳି ସମସ୍ୟାରୁ ମୁକ୍ତି ମିଳିଥାଏ

ଛତୁଆରେ ଭରପୁର ମାତ୍ରରେ ଆଇରନ, ମାଙ୍ଗାନିଜ, ମ୍ୟାଗ୍ନେସିୟମ, ସୋଡ଼ିୟମ ଆଦି ରହିଛି ।

ଏହାର ଉପକାରିତା ଗୁଣ ବିଷୟରେ ଜାଣନ୍ତୁ.....

ଛତୁଆ ଖାଇବା ଦ୍ୱାରା ଶରୀରକୁ ଆବଶ୍ୟକ ପରିମାଣରେ ଶକ୍ତି ମିଳିଥାଏ । ଫଳରେ କାର୍ଯ୍ୟ କରିବା ସମୟରେ ହାଲିଆ ଅନୁଭବ ହୋଇନଥାଏ । ରକ୍ତଚାପ ଜନିତ ରୋଗୀଙ୍କ ପାଇଁ ମଧ୍ୟ ବେଶ ହିତକାରକ । ଛତୁଆକୁ ସଠିକ ମାତ୍ରାରେ ସେବନ କରିବା ଦ୍ୱାରା ଏହା ମୋଟାପଣ ହ୍ରାସ କରିଥାଏ । ନିଜର ସ୍ୱାଦ ଅନୁଯାୟୀ ଆପଣ ଛତୁଆରେ ଚିନି କିମ୍ବା ଲୁଣ ବ୍ୟବହାର କରି ସେବନ କରିପାରିବେ । ଛତୁଆ ଖାଇବା ଦ୍ୱାରା ଅଧିକ ସମୟ ପର୍ଯ୍ୟନ୍ତ ଭୋକ ଲାଗିନଥାଏ । ଯେଉଁମାନଙ୍କୁ ବାରମ୍ବାର ଭୋକ ଲାଗେ, ସେମାନଙ୍କ ପାଇଁ ଏହା ଖୁବ ଲାଭଦାୟକ । ଏଥିରେ ଭରପୁର ମାତ୍ରାରେ ପ୍ରୋଟିନ ରହିଛି । ଏହାକୁ ଖାଇବା ଦ୍ୱାରା ଗ୍ୟାସଟିକ, ଏସିଡ଼ିଟି ଭଳି ସମସ୍ୟାରୁ ମୁକ୍ତି ମିଳିଥାଏ । ଏହାର ସେବନ ଦ୍ୱାରା ଯକୃତ ସୁସ୍ଥ ରହିଥାଏ । ଏଥିରେ ଆଇରନ, ମାଙ୍ଗାନିଜ, ମ୍ୟାଗ୍ନେସିୟମ, ସୋଡ଼ିୟମ ଆଦି ରହିଥିବାରୁ ଏହା ମଧୁମେହ ରୋଗୀଙ୍କ ପାଇଁ ବେଶ ଲାଭଦାୟକ ଅଟେ ।

ଏ ସପ୍ତାହର ଭାଗ୍ୟବିଚାର

ମେଷ: ସୋମବାର: ସମାଜରେ ଯଶ ଖ୍ୟାତି ବଢ଼ିବ । ମଙ୍ଗଳ ଓ ବୁଧବାର: ବ୍ୟବସାୟରେ ଲାଭ ହେବ । ଗୁରୁ ଓ ଶୁକ୍ରବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ । ଶନିବାର: ସୁଖ ସମୃଦ୍ଧି ବୃଦ୍ଧି ହେବ । ରବିବାର: ଅଚାନକ ଲାଭବାନ ହେବାର ସୁଯୋଗ ରହିଛି ।

ବୃଷ: ସୋମବାର: ନୂଆ ଲୋକଙ୍କ ସହିତ ସମ୍ପର୍କ ବଢ଼ିବ । ମଙ୍ଗଳ ଓ ବୁଧବାର: ଅଧୁରା କାମ ପୂରା ହେବ । ଗୁରୁ ଓ ଶୁକ୍ରବାର: ଭଲ ଖବର ପାଇବେ । ଶନିବାର: ବଡ଼ ନିର୍ଣ୍ଣୟ ନେଇ ପାରନ୍ତି । ରବିବାର: ହଜିଥିବା ସାମଗ୍ରୀ ହଠାତ୍ ମିଳିବ ।

ମିଥୁନ: ସୋମବାର: ଜମିରେ ନିବେଶ କରିପାରନ୍ତି । ମଙ୍ଗଳ ଓ ବୁଧବାର: ରଚନାତ୍ମକ କାର୍ଯ୍ୟରେ ରୁଚି ବଢ଼ିବ । ଗୁରୁ ଓ ଶୁକ୍ରବାର: କାମ ଭଲ ଭାବେ ସଂପୂର୍ଣ୍ଣ ହେବ । ଶନିବାର: କାରବାରରେ ଲାଭ ହେବ । ରବିବାର: କୌଣସି ସୁସମ୍ବାଦ ପାଇ ମନ ପ୍ରଫୁଲ୍ଲ ରହିବ ।

କର୍କଟ: ସୋମବାର: ଘର କ୍ଳେଶ ଦୂର ହେବ । ମଙ୍ଗଳ ଓ ବୁଧବାର: କାରବାରରେ ବୃଦ୍ଧି ହେବ । ଗୁରୁ ଓ ଶୁକ୍ରବାର: ଜନକଲ୍ୟାଣ କାର୍ଯ୍ୟରେ ସମୟ ଦେବେ । ଶନିବାର: ଛାତ୍ରଙ୍କର ଲେଖାପଢ଼ାରେ ରୁଚି ବଢ଼ିବ । ରବିବାର: ଧାର୍ମିକ କାର୍ଯ୍ୟକ୍ରମରେ ନିଜକୁ ଅତିବାହିତ କରିବେ ।

ସିଂହ: ସୋମବାର: ଜୀବନକୁ ଭଲ କରିବାକୁ ଚେଷ୍ଟା କରିବେ । ମଙ୍ଗଳ ଓ ବୁଧବାର: ବ୍ୟବସାୟୀଙ୍କ ଲାଗି ସମୟ ଭଲ । ଗୁରୁ ଓ ଶୁକ୍ରବାର: କିଛି ନୂଆ ଶିକ୍ଷାଲାଭ କରିବେ । ଶନିବାର: ମାନସିକ ସୁଖ ପାଇବେ । ରବିବାର: ଦୀର୍ଘ ଦିନ ଧରି ଖୋଜୁଥିବା ଜିନିଷର ସୂଚନା ମିଳିବ ।

କନ୍ୟା: ସୋମବାର: ଲୋକଙ୍କ ସାହାଯ୍ୟ ପାଇବେ । ମଙ୍ଗଳ ଓ ବୁଧବାର: ଭାବିଥିବା କାମ ସଂପୂର୍ଣ୍ଣ ହେବ । ଗୁରୁ ଓ ଶୁକ୍ରବାର: ଜମାପୁଞ୍ଜି ବୃଦ୍ଧି ହେବ । ଶନିବାର: ଚାକିରିରେ କିଛି ପରିବର୍ତ୍ତନ ହେବ । ରବିବାର ମାନସିକ ଚାପ ବୃଦ୍ଧି ପାଇବ ।

ତୁଳା: ସୋମବାର: ପରିଶ୍ରମରେ ସୁଫଳ ପାଇବେ । ମଙ୍ଗଳ ଓ ବୁଧବାର: ପାରିବାରିକ ଜୀବନରେ ଖୁସି ଆସିବ । ଗୁରୁ ଓ ଶୁକ୍ରବାର: ଜୀବନକୁ ଭଲ କରିବା ଲାଗି ଚେଷ୍ଟା କରିବେ । ଶନିବାର: ଧନଲାଭ ହେବ । ରବିବାର କୌଣସି ପ୍ରିୟ ବସ୍ତୁ ହଜିଯିବାର ସମ୍ଭାବନା ରହିଛି ।

ବିଛା: ସୋମବାର: ଆୟ ଉତ୍ସରେ ସ୍ଥିରତା ରହିବ । ମଙ୍ଗଳ ଓ ବୁଧବାର: ଦାମ୍ପତ୍ୟ ସମ୍ବନ୍ଧରେ ମଧୁରତା ବଢ଼ିବ । ଗୁରୁ ଓ ଶୁକ୍ରବାର: ମନରେ ବିଶେଷ ବିଚାର ଆସିବ । ଶନିବାର: ବ୍ୟବସାୟ ବୃଦ୍ଧି ହେବ । ରବିବାର: ମନରେ ଦୁଶ୍ଚିନ୍ତା ଆସିବ ।

ଧନୁ: ସୋମବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ । ମଙ୍ଗଳ ଓ ବୁଧବାର: ପ୍ରେମ ପ୍ରସଙ୍ଗ ପ୍ରତି ଆକର୍ଷଣ ବଢ଼ିବ । ଗୁରୁ ଓ ଶୁକ୍ରବାର: ସମସ୍ୟାର ସମାଧାନ ବାହାରିବ । ଶନିବାର: ଖର୍ଚ୍ଚ ବଢ଼ିପାରେ । ସାମଜିକ କାର୍ଯ୍ୟରେ ସାମିଲ କରି ସମାଜରେ ସ୍ୱତନ୍ତ୍ର ପ୍ରଶଂସା ପାଇବେ ।

ମକର: ସୋମବାର: ଲୋକଙ୍କ ସାହାଯ୍ୟ ପାଇବେ । ମଙ୍ଗଳ ଓ ବୁଧବାର: ଭାବିଥିବା କାମ ସଂପୂର୍ଣ୍ଣ ହେବ । ଗୁରୁ ଓ ଶୁକ୍ରବାର: ଜମାପୁଞ୍ଜି ବୃଦ୍ଧି ହେବ । ଶନିବାର: ଚାକିରିରେ କିଛି ପରିବର୍ତ୍ତନ ହେବ । ରବିବାର ସାମାଜିକ କାର୍ଯ୍ୟରେ ଉଚ୍ଚ ପ୍ରଶଂସିତ ହେବେ ।

କୁମ୍ଭ: ସୋମବାର: ପୂର୍ବ କଥାକୁ ମନସ୍ତାପରେ ରହିବେ । ମଙ୍ଗଳ ଓ ବୁଧବାର: କାମ ମନ୍ଥର ଗତିରେ ପୂରା ହେବ । ଗୁରୁ ଓ ଶୁକ୍ରବାର: କାରବାରରେ ଉନ୍ନତି ହେବ । ଶନିବାର: ଶିକ୍ଷକଙ୍କ ଲାଗି ସମୟ ଭଲ । ରବିବାର: ମନ ପ୍ରଫୁଲ୍ଲ ରହିବ

ମୀନ: ସୋମବାର: ବିଚାର ସକାରାତ୍ମକ ରହିବ । ମଙ୍ଗଳ ଓ ବୁଧବାର: ବ୍ୟବସାୟରେ ବଡ଼ ଡିଲ୍ କରିପାରନ୍ତି । ଗୁରୁ ଓ ଶୁକ୍ରବାର: ସମାଜରେ ମାନ ପ୍ରତିଷ୍ଠା ବୃଦ୍ଧି ହେବ । ଶନିବାର: ସୁସମ୍ବାଦ ପାଇବେ । ରବିବାର: ହଠାତ୍ ଖୁସି ଖବର ମିଳିବ ।

ଜାଣି ରଖନ୍ତୁ ଗୋଲାପର ଔଷଧୀୟ ଗୁଣ

ଗୋଲାପରେ ଭିଟାମିନ୍ ସି ଏବଂ ଆଣ୍ଟିଅକ୍ସିଡ଼ାଣ୍ଟ ରହିଛି । ଗୋଲାପର ପାଖୁଡ଼ାକୁ ପ୍ରଥମେ ପେଷି ଦିଅନ୍ତୁ ଓ ପରେ ଏହି ମିଶ୍ରଣକୁ ଖାଆନ୍ତୁ ,ଏହାକୁ ଖାଇବା ଦ୍ୱାରା ମୋଟା ପଣ ବହୁ ମାତ୍ରରେ କମିଥାଏ । ଏତଦ୍ ବ୍ୟତୀତ ଏହା ଶରୀରର ବୃଦ୍ଧିକାରୀ ଓ ଶକ୍ତି ଦାୟକ ସମସ୍ତ ରାସାୟନିକ ପ୍ରକ୍ରିୟା (ମେଟାବୋଲିଜିମ୍)ର ବୃଦ୍ଧି କରିଥାଏ ।

ସୁନ୍ଦର ତ୍ୱଚା ନିମନ୍ତେ – ଏହା ମୁହଁରୁ ସମସ୍ତ ଦାଗକୁ ଦୂର କରିଥାଏ । ଗୋଲାପର ପାଖୁଡ଼ାକୁ ଖରାରେ ଭଲ ଭାବେ ଶୁଖାଇ ଏହାକୁ ଗୁଣ୍ଡ କରି ମୁଲତାନି ମାଟି ସହ ମିଶାଇ ମୁହଁରେ ଲଗାଇଲେ ଏହା ମୁହଁର ସମସ୍ତ ଦାଗକୁ ଦୂର କରିବା ସହ ତ୍ୱଚାକୁ ଗୋରା ମଧ୍ୟ କରିଥାଏ ।

ଥକାପଣ ଦୂର କରେ – ବହୁ ସମୟରେ ବ୍ୟସ୍ତ ବହୁଳତା ଜୀବନରେ ଆମକୁ ଶାରିରୀକ ତଥା ମାନସିକ ଭାବେ ଖୁବ ହାଲିଆ ଅନୁଭବ ହୋଇଥାଏ । ଗୋଲାପର ବାସ୍ନାରେ ଆମ ମନକୁ ଖୁବ ଶାନ୍ତି ମିଳିଥାଏ । ଏହାର ପାଖୁଡ଼ାକୁ ଅଳ୍ପ ଉଷୁମ ପାଣିରେ ପକାଇ ସେହି ପାଣିରେ ଗାଧୋଇଲେ ଆମ ଥକାପଣ ଦୂର ହୋଇଥାଏ ।

ଓଠର ସୁନ୍ଦରତା ପାଇଁ – ଗୋଲାପର ପାଖୁଡ଼ାକୁ ଖାଇବା ଦ୍ୱାରା ଏବଂ ଗୋଲାପ ଜଳକୁ ନିୟମିତ ଓଠରେ ଲଗାଇଲେ ଓଠର ରଙ୍ଗ ସର୍ବଦା ଗୋଲାପି ଓ ସୁନ୍ଦର ହୋଇଥାଏ ।

ଲେମ୍ବୁରେ ଥିବା ପୋଷକ ତତ୍ତ୍ୱ ଓ ଗୋଲାପ ଜଳ ମୁହଁ ପାଇଁ ବେଶ ହିତକାରକ । ଗ୍ଲିସରିନ ତ୍ୱଚାରେ ଜଳର ମାତ୍ରାକୁ ସଠିକ ରଖିବା ସହ କୋମଳ କରିଥାଏ ।

ଗ୍ଲିସରିନ, ଗୋଲାପ ଜଳ ଓ ଲେମ୍ବୁ ରସର ମିଶ୍ରଣରେ ପ୍ରସ୍ତୁତ ହେଉଥିବା ଏହି ସିରମ ତ୍ୱଚାର ଶୁଷ୍କପଣ ଦୂର କରିଥାଏ । ତ୍ୱଚା ପାଇଁ ଏହାକୁ ରାମବାଣ କହିଲେ ଭୁଲ ହେବ ନାହିଁ । ଏହାସହ ଏହି ସିରମ ମୁହଁର ଦାଗ ମଧ୍ୟ ଦୂର କରିଥାଏ ।

ସିରମ ପ୍ରସ୍ତୁତ କରିବାର ଉପାୟ.....

ସିରମକୁ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଏକ ବୋତଲରେ କିଛି ଗୋଲାପ ଜଳ ନିଅନ୍ତୁ । ଏଥିରେ ଗୋଟିଏ ଲେମ୍ବୁର ରସ ଓ ଗ୍ଲିସରିନ ମିଶାନ୍ତୁ ।

ବୋଉର ରୋଷେଇ ଘର

ଖୁଆ ଚକୁଳି

ଆବଶ୍ୟକ ସାମଗ୍ରୀ: ସୁଜି, ମଇଦା ଓ ଚାଉଳ, କ୍ଷୀର, ଖୁଆ, ଚିନି, ମିକ୍ସମେଡ, କାଜୁ ବାଦାମ ଖଣ୍ଡ ଓ ଚେରି, ରିଫାଇନ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ସୁଜି, ମଇଦା ଓ ଚାଉଳ ଚୂନାକୁ ଏକତ୍ର ମିଶାଇ ଏକ ଆଣ ପ୍ରସ୍ତୁତ କରି ରଖନ୍ତୁ । କ୍ଷୀରକୁ ଫୁଟାଇ ବହଳିଆ କରି ସେଥିରେ ଖୁଆ ଓ ଚିନି ପକାଇ ଏକ ପୁର ପ୍ରସ୍ତୁତ କରନ୍ତୁ ।

ଚୁଲି ଲଗାଇ ଏକ କଡ଼େଇରେ କ୍ଷୀରକୁ ଗରମ କରି ଫୁଟାନ୍ତୁ । କ୍ଷୀର ଫୁଟିବା ପରେ ଚିନି ଓ ମିକ୍ସମେଡ ପକାଇ ଭଲ ଭାବେ ଫୁଟାନ୍ତୁ । ଏକ ବହଳ ରସ ହେବା ପରେ କଡ଼େଇକୁ ଚୁଲିରୁ ଓହ୍ଲାଇ ରଖନ୍ତୁ ।

ଏହାପରେ ପ୍ୟାନରେ ତେଲ ଗରମ କରି ପ୍ରସ୍ତୁତ ଆଣକୁ ପ୍ୟାନରେ ଢାଳନ୍ତୁ ଏବଂ ତା' ଉପରେ କ୍ଷୀର ଓ ଖୁଆର ପୁରକୁ ଦେଇ ଚକୁଳି ତିଆରି କରନ୍ତୁ । ଏହାପରେ ପ୍ରସ୍ତୁତ ହୋଇଥିବା ଚକୁଳି ପିଠାକୁ କରେଇରେ ଥିବା କ୍ଷୀର ଓ ମିକ୍ସମେଡର ବହଳ ରସରେ ପକାନ୍ତୁ । ଶେଷରେ କାଜୁ ବାଦାମ ଖଣ୍ଡ ଓ ଚେରିକୁ ପକାଇ ସଜାଇ ଏକ ପ୍ଲେଟରେ ପରଷନ୍ତୁ । ପ୍ରସ୍ତୁତ ହୋଇଯିବ ଖୁଆ ଚକୁଳି ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।

ଜାତିସଂଘ ସର୍ଭେ ରିପୋର୍ଟ
ଏବର୍ଷ ଭାରତର ଆର୍ଥିକ ଉତ୍ପାଦନ କମ୍ ରହିବ

ନୂଆଦିଲ୍ଲୀ (ଏଜେନ୍ସି): ଚଳିତ ବର୍ଷ ଭାରତର ଅର୍ଥନୈତିକ ଉତ୍ପାଦନ ୨୦୧୯ ତୁଳନାରେ ନିମ୍ନରେ ରହିବ । ଏସୀୟ ପ୍ରଶାନ୍ତ ମହାସାଗରୀୟ ଅଂଚଳ ପାଇଁ ଥିବା ଜାତିସଂଘର ଅର୍ଥନୈତିକ ଏବଂ ସାମାଜିକ କମିଶନ (ଏସ୍କାପ)ର ବାର୍ଷିକ ସର୍ଭେ ରିପୋର୍ଟରେ ଏହା କୁହାଯାଇଛି । ସୂଚନାଯୋଗ୍ୟ ଯେ ଏସୀୟ ପ୍ରଶାନ୍ତ ମହାସାଗରୀୟ ଅଂଚଳର ପ୍ରଗତି ଉପରେ ଜାତିସଂଘ ପକ୍ଷରୁ ପ୍ରକାଶ ପାଉଥିବା ଏହା ସର୍ବପୁରାତନ ରିପୋର୍ଟ ଏବଂ ୧୯୪୭ ଠାରୁ ପ୍ରତିବର୍ଷ ପ୍ରକାଶ ପାଉଛି । ଚଳିତ ବର୍ଷ ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ତଥ୍ୟ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ଏବଂ ଏହା ମଙ୍ଗଳବାର ପ୍ରକାଶ ପାଇଛି । ଏଥିରେ କରୋନା ଭୂତାଣୁ ଜନିତ ମହାମାରୀ ସ୍ଥିତିକୁ ନେଇ ଚୀନ ସହିତ ଭାରତର ତୁଳନା କରାଯିବା ସହିତ ଭାରତର ଆର୍ଥିକ ଉତ୍ପାଦନ ସମ୍ପର୍କରେ ଆକଳନ

କରାଯାଇଛି । ରିପୋର୍ଟରେ କୁହାଯାଇଛି ଯେ, ଭାରତର ଜିଡିପି ଅଭିବୃଦ୍ଧି ଓ ପୁଞ୍ଜିନିବେଶ ନିୟନ୍ତ୍ରଣ ମଧ୍ୟରେ ରହିଥିବାବେଳେ ମହାମାରୀ ବ୍ୟାପିଥିଲା, ଯେଉଁଥିପାଇଁ ଦେଶବ୍ୟାପୀ କଡାକଡି ଲକ୍ଡାଉନ ଜାରି କରିବାକୁ ପଡିଲା । ସେହି କାରଣରୁ ଅର୍ଥନୈତିକ କାର୍ଯ୍ୟକଳାପ ବ୍ୟାହତ ହେବା ଆରମ୍ଭ ହୋଇଥିଲା ଏବଂ ୨୦୨୦ ଦ୍ୱିତୀୟ ତ୍ରୟମାସିକରେ ତାହା ଅଧିକ ବ୍ୟାପକ ହେଲା । ତୃତୀୟ ତ୍ରୟମାସିକରେ ଭାରତୀୟ ଅର୍ଥନୀତିର ବେଶ୍ ପ୍ରଭାବଶାଳୀ ପ୍ରତ୍ୟାବର୍ତ୍ତନ ହୋଇଥିଲା ଏବଂ ଚତୁର୍ଥ ତିନିମାସରେ ତାହା ସୁଧୁରିଥିଲେ ମଧ୍ୟ ପୂର୍ବ ବର୍ଷ ସେହି ସମୟ ତୁଳନାରେ ଅଭିବୃଦ୍ଧି ହାର ଶୂନ୍ୟ ପାଖାପାଖି ରହିଥିବା ରେକର୍ଡ କରାଯାଇଛି । ଟିକାକରଣ ଆରମ୍ଭ ହେବାପରେ କୋଭିଡ ସଂକ୍ରମଣ ସ୍ଥିତି ବେଶ୍ ସୁଧୁରିବା ଆଶା କରାଯାଉଥିବାବେଳେ ଚଳିତ ବର୍ଷ ଦେଶର ଆର୍ଥିକ ଉତ୍ପାଦନ କିନ୍ତୁ ୨୦୧୯ ତୁଳନାରେ ନିମ୍ନ ସ୍ଥାନରେ ରହିବା ଆଶା କରାଯାଉଛି ବୋଲି ସର୍ଭେରେ କୁହାଯାଇଛି । ଅନ୍ୟପକ୍ଷରେ ଚୀନ କୋଭିଡ ପରିସ୍ଥିତିର ସଫଳତାର ସହିତ ମୁକାବିଲା କରିଛି ଏବଂ ୨୦୨୦ ଚତୁର୍ଥ ତିନିମାସରେ ଏହାର ଅର୍ଥନୈତିକ ଅଭିବୃଦ୍ଧି ହାର ୬.୫% ହୋଇଛି, ଯାହା ମହାମାରୀ ପୂର୍ବ ଅଭିବୃଦ୍ଧିକୁ ମଧ୍ୟ ଟପିଯାଇଥିବା ଏବଂ୨୦୨୧ରେ ଏହା ଅଧିକ ଉନ୍ନତି କରିବା ନେଇ ସର୍ଭେରେ କୁହାଯାଇଛି ।

ଏପ୍ରିଲ ପହିଲାରୁ ଅଚଳ ହେବ ସ୍ୱୟଂଚାଳିତ ବିଲ୍ ପୈଠ ବ୍ୟବସ୍ଥା
ଆକାଉଣ୍ଟରୁ ଟଙ୍କା କାଟିବା ପୂର୍ବରୁ ମେସେଜ ପଠାଇ ଅନୁମତି ମାଗିବ ବ୍ୟାଙ୍କ

ନୂଆଦିଲ୍ଲୀ(ଏଜେନ୍ସି): ଏପ୍ରିଲ୍ ଠାରୁ ମୋବାଇଲ୍ ଫୋନ୍ ବିଲ୍, ୟୁଟିଲିଟି ବିଲ୍, ମିଡିଆ ବିଷୟବସ୍ତୁ ପାଇଁ ସବସ୍କ୍ରିପସନ୍ ଚାର୍ଜ ଏବଂ ବ୍ୟାଙ୍କର ସ୍ୱୟଂଚାଳିତ ବିଲ୍ ପୈଠ ବ୍ୟବସ୍ଥା(ଅଟୋ-ଡେବିଟ୍) ମାଧ୍ୟମରେ ଓଭର-ଟପ୍ ଷ୍ଟ୍ରିମିଂ ସେବା ପାଇଁ ଆପଣ କରୁଥିବା ମାସିକ ଦେୟ ବାଧାପ୍ରାପ୍ତ ହେବ । ଏପରିକି ନେଟଫ୍ଲିକ୍ସ, ଆମାଜନ, ଭାରତୀ ଏୟାରଟେଲ ଏବଂ ଭୋଡାଫୋନ୍ ଆଇଡିଆ, ଟାଟା ପାୱାର ଏବଂ ବିଏସ୍ଇଏସ ଭଳି କମ୍ପାନି ମଧ୍ୟ ପ୍ରଭାବିତ ହେବେ । ଅର୍ଥାତ ଯଦି ଆପଣ କୌଣସି ଅନଲାଇନ ପ୍ଲାଟଫର୍ମ ବା ମୋବାଇଲ ରିଚାର୍ଜ ପାଇଁ ଅଟୋ-ଡେବିଟ୍ ପେମେଣ୍ଟ ସେଟ ଅପ ବା ସ୍ୱୟଂଚାଳିତ ବିଲ୍ ପୈଠ ବ୍ୟବସ୍ଥା ବିକଳ୍ପ ରଖିଛନ୍ତି, ତେବେ ଏପ୍ରିଲଠାରୁ ତାହା କାମ କରିବ ନାହିଁ । ଆକାଉଣ୍ଟରୁ ଟଙ୍କା କଟି ରିଚାର୍ଜ ହେବା ପୂର୍ବରୁ ଆପଣଙ୍କ ପାଖକୁ ଏକ ମେସେଜ ଆସିବ । ଯଦି ଆପଣ ମେସେଜ ପାଇ ରିଚାର୍ଜକୁ ଅନୁମତି ଦେବେ, ତେବେ ଯାଇ ଆପଣଙ୍କ ଆକାଉଣ୍ଟରୁ ଟଙ୍କା କଟିବ । ନୂତନ ନିୟମ ଅନୁଯାୟୀ ବ୍ୟାଙ୍କ, କ୍ରେଡିଟ୍ କାର୍ଡ ସେବା ପ୍ରଦାନକାରୀ ସଂସ୍ଥା, ଗ୍ରାହକଙ୍କୁ ଦେୟ କଟାଯିବାର ପାଞ୍ଚ ଦିନ ପୂର୍ବରୁ ଏକ ମେସେଜ ପଠାଇବେ ଏବଂ ଗ୍ରାହକ ଦେୟ ପାଇଁ ଅନୁମୋଦନ କରିବା ପରେ ହିଁ ତାଙ୍କ ଆକାଉଣ୍ଟରୁ ଟଙ୍କା କଟିବ । ୫,୦୦୦ ଟଙ୍କାରୁ ଅଧିକ ଦେୟ ପାଇଁ, ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କୁ ଓଟିପି ପଠାଇବାକୁ ବାଧ୍ୟ ବୋଲି ନୂତନ ନିୟମରେ ଉଲ୍ଲେଖ ରହିଛି ।

ଆରବିଆଇ ପୂର୍ବରୁ କହିଥିଲା ଯେ, ଡେବିଟ୍ ଏବଂ କ୍ରେଡିଟ୍ କାର୍ଡ ମାଧ୍ୟମରେ ଗ୍ରାହକ କରୁଥିବା ଦେୟ ପାଇଁ 'ଟୁ-ଫ୍ୟାକ୍ଟର ଅଥେଣ୍ଟିକେସନ' ନିୟମ ମାନିବାକୁ ବ୍ୟାଙ୍କ, କାର୍ଡ ନେଟୱାର୍କ ଏବଂ ଅନଲାଇନ୍ ବିକ୍ରେତାଙ୍କୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସମୟ ଦିଆଯାଇଛି । ଏହି ନୂତନ ନିୟମ ଏପ୍ରିଲ ୧, ୨୦୨୧ରୁ ଲାଗୁ ହେବ । ହେଲେ ପ୍ରମୁଖ ବ୍ୟାଙ୍କ ଏବଂ ବିକ୍ରେତାମାନେ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ନଥିବା କହି ଅଧିକ ସମୟ ମାଗିଥିଲେ । କିନ୍ତୁ ଆରବିଆଇ ଅଧିକ ସମୟ ଦେବାକୁ ମନା କରିଦେଇଥିଲା ।

ଜଷ୍ଟିସ୍ ଏନ.ଭି ରମଣଙ୍କୁ ପରବର୍ତ୍ତୀ
ପ୍ରଧାନବିଚାରପତି ପାଇଁ ସୁପାରିଶ କଲେ ସିଜେଇ

ନୂଆଦିଲ୍ଲୀ(ଏନ୍.ଏମ୍.): ଭାରତର ପ୍ରଧାନ ବିଚାରପତି (ସିଜେଇ) ଏସ୍ଏ ବୋବଡେ ଆସନ୍ତା ଏପ୍ରିଲ୍ ୨୩ ତାରିଖରେ ଅବସର ନେବାକୁ ଯାଉଛନ୍ତି । ଇତି ମଧ୍ୟରେ ସିଜେଇ ବୋବଡେ ପରବର୍ତ୍ତୀ ପ୍ରଧାନ ବିଚାରପତି ନିଯୁକ୍ତି ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ଏକ ଚିଠି ପଠାଇଛନ୍ତି । ସେଥିରେ ସେ ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ (ନ୍ୟାୟାଳୟ ଭେଙ୍କେଟ ରମଣ) ଏନ.ଭି. ରମଣଙ୍କୁ ପରବର୍ତ୍ତୀ (ସିଜେଇ) ଭାବରେ ନିଯୁକ୍ତ କରିବାକୁ ସୁପାରିଶ କରିଛନ୍ତି । ଜଷ୍ଟିସ ରମଣ ଏହାପୂର୍ବରୁ ଦିଲ୍ଲୀ ହାଇକୋର୍ଟର ମୁଖ୍ୟବିଚାର ପତି ଭାବେ କାର୍ଯ୍ୟ କରିଥିଲେ । ସେ ୨୦୨୨ ମସିହା ଅଗଷ୍ଟ ୨୬ତାରିଖରେ ଅବସର ଗ୍ରହଣ କରିବେ ।

ଜାନବାହନ କ୍ଷେତ୍ରରେ ବୈଧତା ବୃଦ୍ଧି : ଜୁନ୍ ୩୦ ପର୍ଯ୍ୟନ୍ତ ଜରିମାନା ଲାଗୁ ହେବ ନାହିଁ

ନୂଆଦିଲ୍ଲୀ(ଏନ୍.ଏମ୍.) ଦେଶରେ ବଢୁଥିବା କରୋନାକୁ ଦୃଷ୍ଟିରେ ରଖି ସରକାର ଲୋକମାନଙ୍କୁ ବହୁତ ଆରାମ ଦେଇଛନ୍ତି । ସରକାର ଶୁକ୍ରବାର ଦିନ ଡ୍ରାଇଭିଂ ଲାଇସେନ୍ସ, ରେଜିଷ୍ଟ୍ରେସନ ସାର୍ଟିଫିକେଟ୍ (ଆରସି) ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଅନୁମତି ଭଳି ମୋଟର ଯାନ କାଗଜପତ୍ରର ବୈଧତାକୁ ଜୁନ୍ ୩୦, ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଯଦି ଗାଡି ସହିତ ଜଡିତ ଆବଶ୍ୟକୀୟ ଡକ୍ୟୁମେଣ୍ଟଗୁଡିକ ସମାପ୍ତ ହେବାକୁ ଯାଉଛି କିମ୍ବା ସମୟ ସଂପୂର୍ଣ୍ଣ ହୋଇଛି, ତେବେ ଏହା ଜୁନ୍ ୩୦ ପର୍ଯ୍ୟନ୍ତ ବୈଧ ରହିବ ।

ସୂଚନାଯୋଗ୍ୟଯେ, ଯାନ ସହ ଜଡିତ ଡକ୍ୟୁମେଣ୍ଟଗୁଡିକର ବୈଧତା ୩୧ ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ବୈଧ ଥିଲା । ରାଜ୍ୟମାନଙ୍କୁ ଦିଆଯାଇଥିବା ଏକ ପରାମର୍ଶରେ ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ କହିଛି ଯେ କରୋନା ମହାମାରୀ କିମ୍ବା ଲକଡାଉନ୍ କାରଣରୁ ବିସ୍ତାର ହୋଇନଥିବା ଏବଂ ୧ ଫେବୃଆରୀ ୨୦୨୦ରେ ସମାପ୍ତ ହୋଇଥିବା ଡକ୍ୟୁମେଣ୍ଟଗୁଡିକ ବର୍ତ୍ତମାନ ୩୦ ଜୁନ୍ ୨୦୨୧ ସୁଦ୍ଧା ବୈଧ ବୋଲି ବିବେଚନା କରାଯିବ । ଏହି ଡକ୍ୟୁମେଣ୍ଟଗୁଡ଼ିକରେ ଫିଟନେସ୍, ଅନୁମତି, ଡ୍ରାଇଭିଂ ଲାଇସେନ୍ସ, ପଞ୍ଜୀକରଣ ଏବଂ ଅନ୍ୟାନ୍ୟ ଦଲିଲ ଅନ୍ତର୍ଭୁକ୍ତ । ଏହାପୂର୍ବରୁ, ୩୦ମାର୍ଚ୍ଚ ୨୦୨୦, ୯ଜୁନ୍ ୨୦୨୦, ୨୧ଅଗଷ୍ଟ ୨୦୨୦ ଏବଂ ୨୭ ଡିସେମ୍ବର ୨୦୨୦ରେ ସରକାର ମୋଟର ଯାନ ଅଧିନିୟମ ୧୯୮୮ ଏବଂ କେନ୍ଦ୍ରୀୟ ମୋଟର ଯାନ ନିୟମ ୧୯୮୯ ସମ୍ବନ୍ଧୀୟ ଦଲିଲଗୁଡ଼ିକର ବୈଧତା ବୃଦ୍ଧି କରିଥିଲେ । ମିଆଦ ପୂର୍ଣ୍ଣ ହୋଇଥିବା ଡକ୍ୟୁମେଣ୍ଟଗୁଡିକ ଜୁନ୍ ୩୦ ପର୍ଯ୍ୟନ୍ତ ବୈଧ ବୋଲି ବିବେଚନା କରାଯିବ । ମନ୍ତ୍ରଣାଳୟ ରାଜ୍ୟମାନଙ୍କୁ ଦିଆଯାଇଥିବା ଏକ ପରାମର୍ଶରେ କହିଛି ଯେ, ୧ ଫେବୃଆରୀରୁ, ସମାପ୍ତ ହୋଇଥିବା ଦଲିଲଗୁଡ଼ିକର ବୈଧତା ୩୦ ଜୁନ୍ ୨୦୨୧ ପର୍ଯ୍ୟନ୍ତ ବୈଧ ବୋଲି ବିବେଚନା କରାଯିବ । ଜୁନ୍ ୩୦, ୨୦୨୧ ସୁଦ୍ଧା ଏହିପରି ଡକ୍ୟୁମେଣ୍ଟଗୁଡ଼ିକୁ ବୈଧ ବୋଲି ସୂଚନା କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି । ପରିବହନ ସମ୍ବନ୍ଧୀୟ ସେବା ପାଇଥିବା ଲୋକଙ୍କୁ ଏହା ସାହାଯ୍ୟ କରିବ । ମନ୍ତ୍ରଣାଳୟ କହିଛି, ଏହା ହେଉଛି ଶେଷ ପରାମର୍ଶ ଏବଂ ରାଜ୍ୟ ସରକାର ଏହି ପରାମର୍ଶକୁ କାର୍ଯ୍ୟକାରୀ କରିବା ଉଚିତ୍ ଯାହାଦ୍ୱାରା ଜନସାଧାରଣ କୌଣସି ପ୍ରକାରର ଅସୁବିଧାର ସମ୍ମୁଖୀନ ହେବେ ନାହିଁ । ଡ୍ରାଇଭିଂ ଲାଇସେନ୍ସ ପାଇଁ କଠିନ ହେବ ପରୀକ୍ଷା, ୬୯% ମାର୍କ ରଖିବା ଆବଶ୍ୟକ ଡ୍ରାଇଭିଂ ଲାଇସେନ୍ସ ପାଇବାକୁ, ବର୍ତ୍ତମାନ ଏକ କଠିନ ପରୀକ୍ଷା ଦେବାକୁ ପଡିବ । କେନ୍ଦ୍ର ସଡ଼କ, ପରିବହନ ଏବଂ ରାଜ୍ୟ ସଡକ ମନ୍ତ୍ରୀ ନୀତିନ ଗଡକରୀ ଗୁରୁବାର ଲୋକସଭାକୁ କହିଛନ୍ତି ଯେ ଯେଉଁମାନେ ୬୯ ପ୍ରତିଶତ ମାର୍କ ପାଇବେ ସେମାନଙ୍କୁ ଲାଇସେନ୍ସ ଦିଆଯିବ । ଆହୁରି ମଧ୍ୟ, ଚାରି ଏବଂ ତିନି ଚକିଆ ଯାନକୁ ସମର୍ଥନ କରିବା ସମୟରେ ଭଲ ଧ୍ୟାନ ରହିବା ଆବଶ୍ୟକ ହେବ । ଏକ ଲିଖିତ ଉତ୍ତରରେ ନିତୀନ ଗଡକରୀ କହିଛନ୍ତି ଯେ ସଡ଼କ ଦୁର୍ଘଟଣାକୁ ରୋକିବା ଏବଂ କୁଶଳୀ ଡ୍ରାଇଭରମାନଙ୍କୁ ଲାଇସେନ୍ସ ଦେବା ପାଇଁ ଏହି ପରୀକ୍ଷାକୁ ଅଧିକ କଠୋର କରାଯାଇଛି । ପଛ ଗିଅର ବାହନଗୁଡିକୁ ବ୍ୟାକ କରିବା, ଡାହାଣ ଏବଂ ବାମ ପାର୍ଶ୍ୱରେ ସୀମିତ ସ୍ଥାନରେ ଦକ୍ଷତାର ସହିତ ବ୍ୟାକ କରିବା ଭଳି କୌଶଳ ଉପରେ ପରୀକ୍ଷା କରାଯିବ ।

ଲଦ୍ଦାଖରେ ଭାରତ ଏକ ଇଞ୍ଚ ମାଟି ହରାଇ ନାହିଁ : ଆର୍ମି ମୁଖ୍ୟ ନରୱାଣେ

ନୂଆଦିଲ୍ଲୀ(ଏନ୍.ଏମ୍.): ଭାରତୀୟ ସେନାର ମୁଖ୍ୟ ଏମ୍ଏମ୍ ନରୱାଣେ କହିଛନ୍ତି ଯେ, ଚୀନ ସହିତ ଲଢ଼େଇ ସମୟରେ ଭାରତ ଏକ ଇଞ୍ଚ ମାଟି ହରାଇ ନାହିଁ । ଭାରତର ସେନା ଯେଉଁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ମୁତୟନ ହୋଇଥିଲେ ଏବଂ ଭାରତ ପାଖରେ ପୂର୍ବରୁ ଯେଉଁ ଜମି ଥିଲା, ତାହା ଏବେ ବି ଭାରତ ପାଖରେ ଅଛି ।

ଆମେ ବିବାଦର ପୂର୍ବ ସ୍ଥିତିରେ ପହଞ୍ଚିଛୁ । ମାତ୍ର ସେ କହିଛନ୍ତି ଯେ, ଭାରତ ଓ ଚୀନ ମଧ୍ୟରେ ଅନେକ ପ୍ରସଙ୍ଗକୁ ନେଇ ଉତ୍ତେଜନା ଏବେ ବି ଜାରି ରହିଛି । ଏହା ବାସ୍ତବିକ ନିୟନ୍ତ୍ରଣ ରେଖା (ଏଲଏସି) ନିକଟରେ ଦେଖାଯାଉଛି । ଏବେ ଉଭୟ ଦେଶର ସେନା ପଛକୁ ହଟିଛନ୍ତି । କିନ୍ତୁ ଉତ୍ତେଜନା ଲାଗି ପୂର୍ବଭଳି ଅବସ୍ଥା ସ୍ୱାଭାବିକ ହୋଇପାରି ନାହିଁ । ସ୍ଥଳସେନା ମୁଖ୍ୟ ନରୱାଣେ କିଛି ଦିନ ପୂର୍ବରୁ କହିଥିଲେ ଚୀନ ସହିତ ବୁଝାମଣା ପରେ ପୂର୍ବ ଲଦ୍ଦାଖରେ ପୋଙ୍ଗଙ୍ଗ ହ୍ରଦ ଅଞ୍ଚଳରେ ସୈନିକଙ୍କୁ ହଟାଇବା ପରେ ଭାରତ ଲାଗି କେବଳ ବିପଦ କମ ହୋଇଛି । କିନ୍ତୁ ଏହା ପୂରାପୂରି ଶେଷ ହୋଇନାହିଁ । ସେ କହିଥିଲେ ଯେ, ଚୀନ ସୈନିକ ପୂର୍ବ ଲଦ୍ଦାଖ ଅଞ୍ଚଳରେ ଏବେବି ବସିଥିବା କହିବା ଭୁଲ ହେବ । ଗତ ବର୍ଷ ମେ' ମାସ ଠାରୁ ଏଲଏସିରେ ଚୀନ ସହିତ ମୁହାଁମୁହିଁ ପରିସ୍ଥିତି ଆରମ୍ଭ ହୋଇଥିଲା ।

ଆଇନ ଅଦାଲତ

ହାଇକୋର୍ଟରେ ପୁଣି କରୋନା କଟକଣା କଡାକଡି
ଆରମ୍ଭ ହେଲା ଭର୍ଚୁଆଲ୍ ମୋଡ୍‌ରେ ଶୁଣାଣି

କଟକ(ଏନ୍.ଏମ୍.): ଓଡିଶା ହାଇକୋର୍ଟରେ ପୁଣି କରୋନା କଟକଣା କଡାକଡି କରାଯାଇଛି । ଫଳରେ ଆସନ୍ତା ୫ ରୁ ଭର୍ଚୁଆଲ୍ ମୋଡ୍‌ରେ ମାମଲାର ଶୁଣାଣି ହେବ । ହାଇକୋର୍ଟ ପକ୍ଷରୁ ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି । କୌଣସି ମାମଲା ଫାଇଲିଂ ଏବଂ ଏହାର ଡକ୍ୟୁମେଣ୍ଟ ଡ୍ରପ୍‌ବକ୍ସରେ ପକାଯିବ ନଚେତ୍ ଇ-ଫାଇଲିଂ ପୋର୍ଟାଲରେ ରୁଜୁ କରାଯିବ । ମାମଲାର ପଞ୍ଜିକରଣ ମେମୋ ଦେଇ ସକାଳ ୧୧ଟାରୁ ୧୨ଟା ମଧ୍ୟରେ କରାଯିବ । ଜରୁରୀକାଳୀନ ମାମଲା ଥିଲେ ଦିନ ୧୧ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ତାହା ଉପ ରେଜିଷ୍ଟ୍ରାର(ଜୁଡିସିଆଲ)ଙ୍କ ନିକଟରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ କରାଯିବ । କଜ୍‌ଲିଷ୍ଟ ନୋଟିସ୍‌ରେ ଏହି ଭିଡିଓ କନ୍‌ଫରେନ୍ସିଂର ଲିଙ୍କ୍ ସମ୍ପର୍କରେ ସୂଚନା ଦିଆଯିବ । କୌଣସି ମାମଲାର ଆଇନଜୀବୀ କିମ୍ବା ଏହି ମାମଲାର ପକ୍ଷ କେବଳ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଅଦାଲତରେ ଉପସ୍ଥିତ ହେବେ । ଗତ ଜାନୁଆରୀ ୨୯ ତାରିଖରୁ ହାଇବ୍ରିଡ୍(ଉଭୟ ଭିଡିଓ ଏବଂ ଅଦାଲତରେ ଉପସ୍ଥିତ ହୋଇ) ବ୍ୟବସ୍ଥାରେ ଆରମ୍ଭ ହୋଇଥିବା ଶୁଣାଣି ବର୍ତ୍ତମାନ ପାଇଁ ସ୍ଥଗିତ ରଖାଗଲା ବୋଲି ହାଇକୋର୍ଟ ଏହି ବିଜ୍ଞପ୍ତିରେ ସ୍ପଷ୍ଟ କରିଛନ୍ତି । ଯଦି କୌଣସି ନିମ୍ନ ଅଦାଲତ କିମ୍ବା ଟ୍ରିବ୍ୟୁନାଲ ଅଂଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଏ ତାହେଲେ ଏ କ୍ଷେତ୍ରରେ ହାଇକୋର୍ଟଙ୍କୁ ଅବଗତ କରି ଅଦାଲତ କାର୍ଯ୍ୟକୁ ବାତିଲ୍ କରାଯାଇ ପାରିବ । ପ୍ରଥମ ଥର ପାଇଁ ଛାଡିଦେଲେ ଅଭିଯୁକ୍ତମାନଙ୍କୁ ପରବର୍ତ୍ତୀ ସମୟରେ ଯଦି ଅଦାଲତରେ ହାଜର କରିବାର ଆବଶ୍ୟକତା ରହିଥାଏ ତାହେଲେ ଏହାକୁ ଭିଡିଓ କନ୍‌ଫରେନ୍ସିଂରେ କରାଯାଇ ପାରିବ ।

ପତ୍ନୀଙ୍କୁ ଉଦ୍ଧାର ସମ୍ପର୍କିତ ମାମଲା
ଭଦ୍ରକ ଏସ୍‌ପିଙ୍କୁ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ

କଟକ(ଏନ୍.ଏମ୍.): ପତ୍ନୀଙ୍କୁ ଉଦ୍ଧାର ସମ୍ପର୍କିତ ମାମଲାରେ ଭଦ୍ରକ ଏସ୍ପିଙ୍କୁ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ ହୋଇଛି । ପତ୍ନୀଙ୍କ ଅପହରଣ ଘଟଣାରେ ତାଙ୍କୁ ଉଦ୍ଧାର କରିବା ପାଇଁ ତାଙ୍କ ସ୍ୱାମୀ କରିଥିବା ଆବେଦନର ଶୁଣାଣି କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟର ବିଚାରପତି ସଞ୍ଜୁ ପଣ୍ଡା ଓ ବିଚାରପତି ସଂଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କରେ ଆଗତ ,କ ଆବେଦନର ଶୁଣାଣି କରି ଆସନ୍ତା ଏପ୍ରିଲ୍ ୫ ତାରିଖରେ ଭଦ୍ରକ ଏସ୍.ପିଙ୍କୁ ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ତଥ୍ୟ ପ୍ରଦାନ କରିବାକୁ କହିଛନ୍ତି । ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ନିଜ ପତ୍ନୀ ନିଖୋଜ ଥିବା ନେଇ ତାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିଥିଲେ । ଏହି ମାମଲାର ତଦନ୍ତକୁ ତଦାରଖ କରିବାକୁ ଭଦ୍ରକ ଏସପିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

ବସ୍ତି ବାସିନ୍ଦା ସମସ୍ୟାକୁ ନେଇ ହାଇକୋର୍ଟରେ ମାମଲା

କଟକ(ଏନ.ଏମ୍.): କଟକ ସହରେ ବସ୍ତିବାସିନ୍ଦାଙ୍କ ସମସ୍ୟାକୁ ନେଇ ହାଇକୋର୍ଟରେ ମାମଲା ରୁଜୁ କରାଯାଇଛି । କଟକ ସହରରେ ଥଇଥାନ ଓ ବିଜ୍ଞାପନପାଇଁ ମହାନଗର ନିଗମ ଆଇନ୨୦୦୩ ଓ ବସ୍ତିବାସିନ୍ଦା ଆଇନ ୨୦୧୭କୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ ବୋଲି ଦର୍ଶାଯାଇଛି । ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଆବାହକ ଖଗେଶ୍ୱର ସେଠୀ ଏହି ମାମଲଶ ରୁଜୁ କରିଛନ୍ତି । ସେ ଦର୍ଶାଇଛନ୍ତି ଯେ ବସ୍ତି ବାସିନ୍ଦାଙ୍କ ପାଇଁ ପିଇବା ପାଣି, ସ୍ୱାସ୍ଥ୍ୟ ବ୍ୟବସ୍ଥା କରାଯାଉନାହିଁ । ବସ୍ତିବାସିନ୍ଦା ମିଳିତ ମଞ୍ଚର ମାମଲାକୁ ଆଇନଜୀବୀ ପ୍ରତାପ ମିଶ୍ର ପରିଚାଳନ କରୁଛନ୍ତି ।

ଜନସ୍ୱାର୍ଥ ମାମଲାର ନିୟମକୁ ପାଳନ ଉପରେ ଗୁରୁତ୍ୱ ଦେଲେ ହାଇକୋର୍ଟ

କଟକ(ଏନ୍.ଏମ୍.): ଜନସ୍ୱାର୍ଥ ମାମଲା ରୁଜୁ କରିବା ପୂର୍ବରୁ ସମସ୍ତ ନିତି ନିୟମକୁ ପାଳନ କରିବାକୁ ହାଇକୋର୍ଟ ଗୁରୁତ୍ୱ ଦେଇଛନ୍ତି । ହାଇକୋର୍ଟର ମୁଖ୍ୟବିଚାରପତି ଡକ୍ଟର ଏସ୍.ମୁରଲୀଧର୍ ଓ ବିଚାରପତି ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ମଦନ ମୋହନ ସାହୁଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣିବେଳେ କୋର୍ଟ ଜାଣିବାକୁ ପାଇଥିଲେ ଯେ ମାମଲାର ଆବେଦନକାରୀ କର୍ତ୍ତୃପକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରିବାପରେ ଅପେକ୍ଷା ନକରି ଅଭିଯୋଗପତ୍ର ଦାଖଲର ମାତ୍ର ୪ ଦିନ ପରେ ଓଡିଶା ହାଇକୋର୍ଟରେ ଏପରି ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି । ଓଡିଶା ହାଇକୋର୍ଟ ପବ୍ଲିକ୍ ଇନ୍‌ଟ୍ରେଷ୍ଟ ଲିଟିଗେସନ୍ ରୁଲ୍, ୨୦୧୦ ହେଉଛି ଯେ ଜନସ୍ୱାର୍ଥ ମାମଲା ରୁଜୁ କରିବା ପୂର୍ବରୁ ସିପିସିର ଧାରା ୮୦ଆଧାରରେ ମାମଲାର ଆବେଦନକାରୀ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ସମ୍ବଳିତ ଦାବି ପତ୍ର/ସ୍ମାରକପତ୍ର ପ୍ରଦାନ କରିବେ । ତେବେ ଯେଉଁ କ୍ଷେତ୍ରରେ ସ୍ମାରକପତ୍ର ପ୍ରଦାନ କରି ଅପେକ

ବିଧାନସଭା ନାଟକର ମଞ୍ଚ ନହେଉ !

ବିଧାନସଭା ଅଧିବେଶନ ଚାଲିଥିବା ବେଳେ ବାଚସ୍ପତିଙ୍କ ଉପରକୁ ଚପଲ ଫୋପାଡ଼ିବା ଘଟଣାରେ ୩ ଜଣ ବିଧାୟକଙ୍କୁ ନିଲମ୍ବନ ପାଇଁ ଆଦେଶ ହୋଇଛି । ବିଧାୟକ ବିଷ୍ଣୁ ସେଠୀ, ଜୟନାରାୟଣ ମିଶ୍ର ଓ ମୋହନ୍ ମାଝୀ ନିଲମ୍ବିତ ହୋଇଛନ୍ତି । ତେଣୁ ସେମାନଙ୍କୁ ଗୃହରୁ ବାହାରି ଯିବା ଲାଗି ନିର୍ଦ୍ଦେଶ ଦିଆଯିବା ପରେ ସେମାନେ ଓ ବିଜେପିର ଅନ୍ୟ ବିଧାୟକ ବିଧାନସଭା ପରିସରରେ ଥିବା ଗାନ୍ଧୀମୂର୍ତ୍ତି ତଳେ ଧାରଣାରେ ବସି ଏହି ନିଷ୍ପତ୍ତିର ପ୍ରତିବାଦ କରିଛନ୍ତି । ଗୋଟିଏ ପଟେ ବିଧାନସଭାରେ ସରକାର ଓ ବିରୋଧୀଙ୍କ ମଧ୍ୟରେ ଚାଲୁଥିବା ବିତର୍କ କୌଣସି ନାଟକର ବିଷୟବସ୍ତୁ ଭଳି ମନେ ହେଉଥିବାବେଳେ ଏହା ଜନସାଧାରଣଙ୍କ ସ୍ୱାର୍ଥରୁ ଦୂରେଇ ଯାଉଥିବା ଭଳି ଅଭିଯୋଗ ଉଠିଛି । ତେଣୁ ବିଧାନସଭା ନାଟକର ମଞ୍ଚ ନହୋଇ ଜନସାଧାରଣଙ୍କ ପ୍ରଗତିର ମନ୍ଦିର ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ଦାବି କରିବା ଆରମ୍ଭ କଲେଣି ।

ଅନ୍ୟପକ୍ଷରେ ସଂସଦୀୟ ଗଣତନ୍ତ୍ରରେ ବିଧାନସଭାର ଗୁରୁତ୍ୱ ବହୁତ ଅଧିକ । ଏଠାରେ ଆଇନ ପ୍ରଣୟନ କରାଯାଏ ଓ ସରକାରଙ୍କ କାର୍ଯ୍ୟର ସମୀକ୍ଷା କରାଯାଏ ଏବଂ ସରକାରଙ୍କ ବଜେଟ ବା ଆୟବ୍ୟୟ ପ୍ରସ୍ତାବକୁ ମଞ୍ଜୁର କରାଯାଏ । ଏହା ବ୍ୟତିତ ରାଜ୍ୟର ନାନାଦି ସମସ୍ୟା ସମ୍ପର୍କରେ ମଧ୍ୟ ବିଧାନସଭାରେ ଆଲୋଚନା କରାଯାଇ ସେ ସବୁର ସମାଧାନ ସୂତ୍ର ବାହାର କରାଯାଏ । ବିଧାନସଭାରେ ସରକାରୀ ଓ ବିରୋଧୀ ସଦସ୍ୟଙ୍କ ଭୂମିକାକୁ ସାଧାରଣ ଲୋକେ ଅନେଇ ବସିଥାନ୍ତି ଓ ଅନୁଧ୍ୟାନ କରିଥାନ୍ତି । ଏମାନଙ୍କର ଭୂମିକା ରାଜ୍ୟବାସୀଙ୍କ ପାଇଁ ଅତ୍ୟନ୍ତ ମର୍ଯ୍ୟାଦାବନ୍ତ ହେବା ଦରକାର । ସେଥିପାଇଁ ବିଧାନସଭାର ଗୋଟିଏ ଘଣ୍ଟା ପାଇଁ ସାଧାରଣ ଲୋକଙ୍କ ଟିକସରୁ ୭୦ରୁ ୮୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଆମ ବିଧାନସଭାର ଗୁରୁତ୍ୱ ଓ ଗାରିମା ଏବେ କ୍ଷୁର୍ଣ୍ଣ ହେବାରେ ଲାଗିଛି । ବିଧାନ ସଭାରେ ସରକାର ଯେଉଁ ନୀତି ନିର୍ଦ୍ଧାରଣ କରୁଛନ୍ତି ସେଥିରେ ବିରୋଧୀମାନଙ୍କ ସହ ଯଥେଷ୍ଟ ଆଲୋଚନା କରାଯାଉ ନାହିଁ । ଅନ୍ୟପକ୍ଷରେ ବିରୋଧୀମାନେ ମଧ୍ୟ ନିଜର ଭୂମିକାକୁ ଭୁଲି ଗଣମାଧ୍ୟମରେ ଚର୍ଚ୍ଚାରେ ରହିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ବିଧାନସଭାରେ ବିଧାୟକ ଚାଷୀମାନଙ୍କ ସମସ୍ୟାକୁ ନେଇ ସାନିଟାଇଜର ପିଇ ଆତ୍ମହତ୍ୟା ପାଇଁ ଉଦ୍ୟମ କରିବା, ବିଧାନସଭାରେ ହଙ୍ଗାମା କରି ସାମଗ୍ରୀ ଭଙ୍ଗାରୁଜା କରିବା, ଗଣତାନ୍ତ୍ରିକ ପଦ୍ଧତିରୁ ବିତର ହୋଇ ହିଂସାତ୍ମକ ଭାବେ ବିରୋଧ କରିବା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏ ସବୁ ଘଟଣା କିଛି ସମୟ ପାଇଁ କିଛି ଜନସାଧାରଣଙ୍କ ନିକଟରେ ରୋଚକ ହୋଇଥିଲେ ମଧ୍ୟ ଭବିଷ୍ୟତ ପାଇଁ ଶୁଭଙ୍କର ନୁହେଁ ବୋଲି ସଚେତନ ନାଗରିକ ବୁଝି ସାରିଛନ୍ତି । ତେଣୁ ଜନସାଧାରଣଙ୍କ ଟିକସରେ ଚାଲୁଥିବା ବିଧାନସଭା ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି । ତେବେ ସରକାର ହୁଅନ୍ତୁ ବା ବିରୋଧୀ ବିଧାନସଭାରେ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶୃଙ୍ଖଳାଗତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ନଚେତ ଆଗାମୀ ଦିନରେ ଜନପ୍ରତିନିଧିମାନଙ୍କୁ ଜନସାଧାରଣ ପ୍ରତ୍ୟାଖ୍ୟାନ କରିବାର ଆଶଙ୍କା ରହିଛି ।

✵ ✵ ✵

କବିତା ଗୁଚ୍ଛ

ଫଗୁ

ପ୍ରଫୁଲ୍ଲ କୁମାର ସାହୁ

କାଲି ରାତିସାରା
ମୁଁ ଶୋଇନି
ପୁହାଇଛି ବିନିଦ୍ର ପୁରୁଷ ହୋଇ ।
ପ୍ରଥମେ, ଫଗୁଣ ଡାକିଲା
ରଙ୍ଗ ମାଖିବୁ ଆ...
ଦ୍ୱିତୀୟରେ,
ପ୍ରେମିକା କହିଲା
ମୋ ଛାତିକୁ ପହଁରି ଯା...
ତୃତୀୟରେ,
ମା' ଡାକିଥିଲା
ମୋ କୋଳକୁ ଫେରିଆ ...
ଭୋର ହେଲା
ମୋ ରୁସ ସାରା ଉଡୁଥିଲା ଫଗୁ
ଭରିରିଥିଲା ପ୍ରେମିକା ଦେହର ବାସ୍ନା
ମୋ, ଆଖିରେ ମା' କୋଳ ପଣତର
ଛାଇ
ମୁଁ ଶୋଇଛି ଅଚେତ ହୋଇ
ପୁହାଇଛି ଉଜାଗର ରାଜପୁତ୍ର
ହୋଇ ...

ଠିକଣା :
ଚୌଦ୍ୱାର,
ମୋ : ୬୩୭୨୧୯୯୦୩୦

ସାଧନା ପଥରେ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଦେଖ ନାରୀ ଜଣେ ସନ୍ତାନ ପ୍ରସବ କାଳରେ କେତେ କଷ୍ଟ ଯନ୍ତ୍ରଣାରେ ଆର୍ତ୍ତନାଦ କରୁଛନ୍ତି । ପରିଜନମାନେ ଏପରି କଷ୍ଟରୁ ନିବାରଣ ପାଇଁ ପୂର୍ବରୁ ଡାକ୍ତର ପରାମର୍ଶ କରି ସନ୍ତାନ ପାଇଲେ ମଧ୍ୟ ଗର୍ଭ ମୋକ୍ଷ କାଳକୁ ଏକ ଭିନ୍ନ ଧରଣର ଆତଙ୍କିତ କଥାର ଅବତାରଣା କରି ଅସ୍ତ୍ର ଚଳାଇ କଷ୍ଟକୁ ଆହୁରି କଷ୍ଟ ଲଗାଇ ପେଟକାଟି ଶିଶୁଟିକୁ ବାହାରକୁ ଆଣୁଛନ୍ତି । ନାରୀ ଜଣେ ତାର ଯୌବନ କାଳରେ ସନ୍ତାନ ଜନ୍ମ ପାଇଁ କେତେ ତ୍ୟାଗ ନକରୁଛନ୍ତି ? ଏଥିରେ ସ୍ୱୀକାର ସୁଖପାଇଁ ତ୍ୟାଗ, ପରିବାରଜନଙ୍କ ପାଇଁ ତ୍ୟାଗ ସହିତ ପିତାମାତା ଜାତି ପାଇଁ ଧର୍ମ ପାଇଁ ବି ତ୍ୟାଗ କରୁଛନ୍ତି ? ଏ ପାଇଁ ବିଭିନ୍ନ ପ୍ରକାର ସ୍ୱାଧୀନତା ତ୍ୟାଗ କରୁଛନ୍ତି, ବିଭିନ୍ନ ପ୍ରକାର ଯନ୍ତ୍ରଣା ଭୋଗ ବି କରୁଛନ୍ତି ? ପିଲାଟି ଜନ୍ମ କରି ସାରିବା ପରେ ନିଜର ଅଙ୍ଗରୁ ପିଲାକୁ ତାର ଖାଦ୍ୟ ବାଣ୍ଟୁଛନ୍ତି ଏହା କଣ ତ୍ୟାଗରେ ଆସୁନାହିଁ ? ଏପାଇଁ କଣ ଖାଇବେ, କଣ ଖାଇବେ ନାହିଁ, ଏହା କଣ ତ୍ୟାଗ ନୁହଁ ? ପିଲାର ଶିଶୁକାଳରେ ତା ପାଇଁ ପୂର୍ଣ୍ଣ ସମୟ ସଜାଗ ରହି ତାର ସେବାରେ ନିୟୋଗ ରହିବା ମଳ, ମୂତ୍ର ପରିଷ୍କାର କରିବା ତା ପାଇଁ ନିଜର ଶୟନ କାଳ ସଂକୁଚିତ କରିବା ତାକୁ ରୋଗ ଭୋଗ କାଳରେ ସୁଶ୍ରୁଷା ଯତ୍ନ କରିବା, ତାର ଗତିବିଧି ଉପରେ ନଜର ରଖି ନିଜର ଅନେକ ବ୍ୟକ୍ତିଗତ କାର୍ଯ୍ୟ ଛାଡ଼ିବା କଣ ତ୍ୟାଗ ନୁହଁ ? ଏସବୁ ତ୍ୟାଗର ପଟ୍ଟାନ୍ତର ନାହିଁ ହେଲେ ଏ ମଧ୍ୟରେ କଷ୍ଟ ସଙ୍କଟ ଯେ ପୂର୍ଣ୍ଣ ଏହା ଅତ୍ୟୁକ୍ତି ନୁହଁ ।

ଶିକ୍ଷାଦାତା ଶିକ୍ଷକ, ଏମାନେ ବହୁ ଶ୍ରେଣୀରେ ଆସନ୍ତି । ଶିଶୁକୁ ପାଠରୁ ଉଚ୍ଚ ଶିକ୍ଷାର ୟୁନିଭରସିଟିର ଶେଷ ପର୍ଯ୍ୟନ୍ତ ଓ ପରେ ପରେ ତାଲିମ କ୍ଷେତ୍ରର ଗୁରୁମାନେ ଏହି ଶ୍ରେଣୀ ମଧ୍ୟରେ ଆସୁଛନ୍ତି । ସେମିତି ଗୃହତ୍ୟାଗୀ ସନ୍ନ୍ୟାସୀ ହୋଇ ଉତ୍ତମ ଗୁରୁ ଦ୍ୱାରା ମନ୍ତ୍ର ପ୍ରାପ୍ତି ଓ ସେ ମନ୍ତ୍ରଜପରେ ସମୟ ଅତିବାହିତ କରି ଅନେକ ଆଚରଣ ଉଦ୍ଦିପନା ଅଭ୍ୟାସରେ ବହୁ ପରିବର୍ତ୍ତନ ବୋଧ ଜାଣିଲେ ଗୁରୁ ଶକ୍ତିପ୍ରାପ୍ତ କରିଥାନ୍ତି । ଏଥିପାଇଁ ଗୁରୁମାନଙ୍କୁ ଛାତ୍ର ଶିଷ୍ୟଙ୍କ ପାଇଁ କଷ୍ଟ ସହ୍ୟ ବହୁ ପ୍ରକାର କରିବାକୁ ପଡ଼େ । ନିମ୍ନପ୍ରାଥମିକ, ଅଙ୍ଗନବାଡ଼ିର ଶିକ୍ଷକ ଶିକ୍ଷୟିତ୍ରୀମାନେ ଟିକି ଟିକି ପିଲାଙ୍କୁ ପାଠ ଶିକ୍ଷା ବେଳେ ତାଙ୍କୁ ବିଶେଷ ଜଗାରଖା କରିଥାନ୍ତି । କଲେଜ ଶିକ୍ଷାରେ ପୁଅଝିଅ ଯୁବକ ଯୁବତୀ ହୋଇ ଯାଆନ୍ତି ଅନେକ ସମୟରେ ଯୌବନ ଆବେଗରେ ଏମାନେ ବିଦ୍ୟା ଶିକ୍ଷା ବାହାନାରେ ଭିନ୍ନ ପଥ ଧରି ପାରନ୍ତି । ଏ ପାଇଁ ତତ୍ ସମୟ ଶିକ୍ଷକ 'ସର୍ବଂ ମିଥ୍ୟା ଜପମ୍‌କୁରୁ ପରି ପାଠକୁ ପ୍ରାଧାନ୍ୟ ଦିଅ ଏପରି ଶରୀରର ଉଦ୍ଦୀପନାକୁ ଏବେ ଭୁଲିଯାଅ, ଛାତ୍ରଛାତ୍ରୀଙ୍କ ବାନ୍ଧବ ପରି ଥଟା ତାମସାରେ ହେଉ ବା ଉପଦେଶ ମାର୍ଫତରେ ଚେତାଇଥାନ୍ତି । ଶିଷ୍ୟ ବ୍ରହ୍ମଚର୍ଯ୍ୟରେ ନ ରହିଲେ ପରଜୀବନ ଶୁଦ୍ଧ ସନ୍ନ୍ୟାସୀ ହୋଇନପାରେ । ଏ ପାଇଁ ବାରମ୍ବାର ଗୁରୁମାନେ ତାଙ୍କର ଭ୍ରାନ୍ତି କାଟିବା ପାଇଁ ଅନେକ ପ୍ରକାରରେ ଶିଷ୍ୟର ପରିଧେୟ ବସ୍ତ୍ର ସଂଦର୍ଶନ କରନ୍ତି । ସାଧନାରେ କଷ୍ଟକୁ ଲାଘବ ପାଇଁ ବହୁ ଉପାୟ ବତାନ୍ତି, ଏଥିପାଇଁ ପ୍ରତି ପ୍ରକାର ଓ ବାଳକ ବାଳିକାଙ୍କର ବିଭିନ୍ନ ଶିକ୍ଷା ଦୀକ୍ଷା ସମ୍ବନ୍ଧ ଗୁରୁମାନଙ୍କୁ ବ୍ୟକ୍ତିଗତ ଜୀବନରୁ ଅନେକ ସମୟରୁ କିଛି ମୂଲ୍ୟବାନ ସମୟ ତ୍ୟାଗ କରିବାକୁ ପଡ଼େ । ସାମୁହିକ ଶିକ୍ଷା ଦାନ ପାଇଁ ତାଙ୍କୁ ଦରମା ଅର୍ଥ ପ୍ରାପ୍ତ ମାତ୍ର ଏ ମଧ୍ୟରେ ବାଆଁରା ଗୋତିଆ ଛାତ୍ରଛାତ୍ରୀ ଶିଷ୍ୟ ଶିକ୍ଷ୍ୟାଙ୍କ ପାଇଁ ଟିଉସନ ଫି ମିଳିବାରେ ସବୁ ଶିକ୍ଷକ ନାହାଁନ୍ତି ଅନେକ ନିଜ ସମୟ କାଟ କରିବାରେ ରହିଥାନ୍ତି । ଏହା କଣ ତ୍ୟାଗ ନୁହଁ ? ପୂର୍ବେ ଋଷି ଆଶ୍ରମରେ ଛାତ୍ରମାନେ ପାଠ ପଢୁଥିଲେ । ଆଶ୍ରମରେ ପାଚିକା ଥିଲେ ଖୋଦ ଋଷି ପତ୍ନୀ ଗୁରୁମାଆ । ଛାତ୍ର ହୁଅନ୍ତୁ ଶିଷ୍ୟ ହୁଅନ୍ତୁ ସେମାନଙ୍କର ଭୋଜନ କାର୍ଯ୍ୟ ନିର୍ବାହ କରି ତାଙ୍କର କାୟିକ ମାନସିକ ବିକାଶ ପ୍ରତି ନଜର ରଖୁଥିଲେ । ଏପରି ପିଲାମାନଙ୍କୁ ନିଜ ପିଲା ପରି ବୋଧ କରୁଥିଲେ । ଋଷି ସନ୍ଦିପନୀଙ୍କ ଆଶ୍ରମରେ ଶ୍ରୀକୃଷ୍ଣ ବଳରାମ ପାଠ ପଢ଼ିବାକୁ ଯାଇଥିଲେ । ଋଷି ଦମ୍ପତିଙ୍କ ଏକମାତ୍ର ପୁତ୍ର ହଠାତ୍ ନିଖୋଜ ହୋଇ ଯାଇଥିଲେ । ଏହି ଦୁଇ ଭାଇଙ୍କୁ ନିଜର ପୁତ୍ର ସମ ମଣି ପୁତ୍ରକଷ୍ଟ ଭୁଲି ଯାଇଥିବା ଋଷି ଦମ୍ପତି ଏମାନଙ୍କର ସମାବର୍ତ୍ତନ ପରେ ଗୃହ ବାହୁଡ଼ା ବେଳେ କୋହ ଉଠିଥିଲା ଶେଷରେ ଗୁରୁଦକ୍ଷିଣା ସ୍ୱରୂପ କୃଷ୍ଣବଳରାମ ଅନେକ କଷ୍ଟ ସହ୍ୟ କରି ତାଙ୍କର ପୁତ୍ରକୁ ଫେରସ୍ତ ଆଣି ତାଙ୍କୁ ଅର୍ପଣ କରିଥିଲେ । ଋଷି ଆଶ୍ରମରେ ଋଷିପତ୍ନୀମାନେ ବହୁ କଷ୍ଟ ଯେ ସହ୍ୟ କରୁଥିଲେ ତାହାର ପଟ୍ଟାନ୍ତର ନାହିଁ । ଅଗସ୍ତ୍ୟ-ଲୋପମୁଦ୍ରା, ବଶିଷ୍ଠ-ଅରୁନ୍ଧତୀ, ଅତ୍ରୀ-ଅନସୂୟା, ପରି ଋଷି ଆଶ୍ରମ ଏମିତି ତତ୍‌କାଳ ବିଦ୍ୟାର୍ଥୀଙ୍କ ପାଇଁ ବହୁ ତ୍ୟାଗ କରିଛନ୍ତି ? ଧାଇମା ପାନ୍ନାଙ୍କୁ କିଏ ନଜାଣେ, ଏଇ ମାଆଙ୍କୁ ଏକ ନିଆରା ସମ୍ମାନ ପାଇଁ ସମସ୍ତଙ୍କ ମୁଣ୍ଡ ନଇଁ ଆସେ ଶାଣିତ ଛୁରୀକା ତାଙ୍କ ପୁଅ ବକ୍ଷରେ ଜହ୍ଲାଦ ବଳବୀର ବସାଇ ଦେଉଥିବାବେଳେ ସେ ରାଜପୁତ୍ରଙ୍କୁ ଲୁଚାଇ ତାର ପ୍ରାଣରକ୍ଷା କରି ରାଜଦାୟଦକୁ ଅନ୍ୟତ୍ର ପଠାଇଥିଲେ । ତାହା ଥିଲା ମହାନ ତ୍ୟାଗ । ବିଭୀଷଣ ଏକ ସତ୍ୟ ଧର୍ମ ପାଇ ଭ୍ରାତୃତ୍ୟାଗ ପରେ ପରେ ରାଜ ପରିବେଶ ରାଜ ଦାୟିତ୍ୱ ତ୍ୟାଗ କରିଥିଲେ । ଭରତ ରାଜପଦ ପାଇବି ଏକ ନ୍ୟାୟଗତ ସମ୍ବନ୍ଧ ପାଇଁ ନିଜର ମାଆ କୈକେୟୀ ନିଜର ଧର୍ମପତ୍ନୀ ମାଣ୍ଡବୀ ଅଯୋଧ୍ୟା ରାଜମହଲ ରାଜ ପରିଚ୍ଛଦ ରାଜକୀୟ ଭୋଜନ ଛାଡ଼ି ନନ୍ଦୀ ଗ୍ରାମରେ ବଡ଼ଭାଇ ଶ୍ରୀରାମଙ୍କ ପାଦକୁ ସ୍ଥାପନ କରି ତାଙ୍କର ଫେରି ଆସିବା ପର୍ଯ୍ୟନ୍ତ ରାଜ୍ୟ ଶାସନ ପୁରୁଣା ଢ଼ାଞ୍ଚାରେ କରି ଚାଲିଥିଲେ । ଏସବୁରେ କଣ ତ୍ୟାଗ କଣ ବୁଝାଇବାକୁ ପଡ଼ିବ । ଏଇ ତ୍ୟାଗ ପାଇଁ କେତେ କଷ୍ଟ ସଙ୍କଟ ରହିଛି ଜ୍ଞାନ ଚକ୍ଷୁରେ ସମସ୍ତେ ଦେଖି ପାରୁଥିବେ ।

ରାମ ବନବାସ ପୂର୍ବରୁ ରାମଙ୍କ ରାଜ୍ୟାଭିଷେକ ପର୍ବ ଥିଲା । ପିତା ଦଶରଥ ମହାରାଜ ଯୌବନ କାଳର ଆବେଗର ଭୁଲ ଯୋଗୁ କରିଥିବା ଚୁକ୍ତି ଯୋଗୁଁ ଶ୍ରୀରାମ ରାଜା ହେବାରେ ବାଧକ ସାଜିଥିଲା । ଅଭିଷେକ ପୂର୍ବରୁ ରାଜା ଏପରି କଳ୍ପନା ଅବଶ୍ୟ କରିଥିଲେ । ଅଭିଷେକରେ ଦୂର ଦୂରାନ୍ତରୁ ପ୍ରଜାଙ୍କୁ ଗ୍ରାମ ଦଳପତି ନେଇ ଅଯୋଧ୍ୟାକୁ କି ଉଦ୍ଦିପନା, ଆନନ୍ଦରେ ନୂଆ ନୂଆ ଉପଢ଼ୌକନ ନୂଆ ରାଜାଙ୍କ ପାଇଁ ଆଣି ଆସୁଛନ୍ତି । ହେଲେ ରାଜ ମହଲରେ ଏପରି ଆୟୋଜନ ବେଳେ କୈକେୟୀ ମାଆଙ୍କ ପିତୃ ବଂଶର ଲୋକଙ୍କୁ ନିମନ୍ତ୍ରଣ ନାହିଁ ଓଲଟି ଭରତ ଶତ୍ରୁଘ୍ନ କୈକେୟୀଙ୍କ ବାପ ଘରେ ରହିବା ବୁଝା ପଡୁଛି । କଣ ପରିବାରେ ସାର୍ବଜନୀନ ଆନନ୍ଦର ପରିବେଶ ନଥିଲା ? ରାଜାଜ୍ଞା ସେ ସମସ୍ତେ ବାଧ ହୋଇ କାମ କରନ୍ତି ଏମିତି ଭବିଷ୍ୟତ ଜ୍ଞାତା ପରିଣାମଦର୍ଶୀମାନେ ବାଧ ହୋଇ କାଲି ପାଇଁ ପ୍ରସ୍ତୁତି ହେଉଥିଲେ । ରାଜବାଟୀରେ ଏକ ଗୁପ୍ତ ନୈରାଶ୍ୟ ଆକାଂକ୍ଷୀ ରହୁଥିଲା । ବଡ଼ଘର ଗୁମର କଥା ନିଶ୍ଚୟ । ଏହା ହିଁ ଶଙ୍କର ପାର୍ବତୀଙ୍କ ତ୍ୟାଗ । ଦେବ ସଙ୍କଟରେ ମନୁଷ୍ୟର ଦରକାର ଯେ ପଡ଼େ ଏହା ଶାସ୍ତ୍ର କହୁଛି । ବୃତ୍ତାସୁର ଏହା ପାଇଁ ଇନ୍ଦ୍ରାୟୁଧ ଅକାମୀ, ତାକୁ ଧ୍ୱଂସ ପାଇଁ ନୂତନ ବଜ୍ରର ନିର୍ମାଣ ଆବଶ୍ୟକ ଏପାଇଁ ଦେବରାଜ ଦଧିଚୀଙ୍କର କୃପାପାର୍ଥୀ, ଦଧିଚୀ ଅସ୍ଥି ଦେଲେ ବଜ୍ର ହେଲା ବୃତ୍ତ ଶେଷ ହେଲେ । ଏହା କଣ ଜନ ପ୍ରତିନିଧି ଦଧିଚୀଙ୍କର ପଟ୍ଟାନ୍ତର ତ୍ୟାଗ ନୁହଁ । ସମୁଦ୍ର ବଳବାନ ସେ କାହାରିକୁ ଭୟ କରନ୍ତି ନାହିଁ । ପୃଥିବୀ ମାତାକୁ ଅବକ୍ଷୟ ବାରମ୍ବାର ସାଗର କରୁଥିଲେ ହେଲେ ପୃଥିବୀ ମାଆଙ୍କ ଏମିତି ପୁତ୍ର ମନୁଷ୍ୟ ମଧ୍ୟରେ ଆସିଲେ ସେ ଗଣ୍ଡୁଚେ ଜଳ ପିଇ ସାଗର ଶୁଖାଇ ଦେଲେ ତେବେ ଏ ସାଧନାର ଦିଗ ବିଲୁପ୍ତ କି ? ସାଧନା ଅଛି ଏ ପାଇଁ ଅନେକ ତ୍ୟାଗ ସ୍ୱୀକାର କରି ଅଗସ୍ତୀ ସିଦ୍ଧି ନିଶ୍ଚେ ହୋଇଥିଲେ । ଅନେକ ପ୍ରକାର ତ୍ୟାଗ ଅଛି ତ୍ୟାଗ ପାଇଁ କଷ୍ଟ ସଂକଟ ଅଛି ହେଲେ ଶେଷ ଫଳ ସ୍ୱର୍ଣ୍ଣାକ୍ଷର ଲିପି ହୁଏ । ସାଧନା ପଥରେ କେହି ଖୋଜ ସର୍ବଦା ରଖିବା ଦରକାର ।

ସମ୍ପାଦକ 'ନିୟତି'
ଅରୁଣୋଦୟ ନଗର, କଟକ,
ଦୂରଭାଷ :
୯୪୩୭୧୦୩୧୨୫୩

ବାପୁଜୀ ଓ ଭଗୀରଥ ଗୋପବନ୍ଧୁ

ଡକ୍ଟର ଅରୁନ୍ଧତୀ ଦେବୀ

ପୁରାଣର କାହାଣୀ ଅନୁଯାୟୀ ଅଭିଶପ୍ତ ବଂଶଧରଙ୍କ ମୁକ୍ତି ପାଇଁ ମହାତ୍ମା ଭଗୀରଥ ଭଗବାନଙ୍କ କୃପା ପ୍ରାପ୍ତ ହୋଇ ଆଶୀର୍ବାଦ ପାଇଥିଲେ । ଯୁଗ ଯୁଗ ପାଇଁ ଭଗୀରଥଙ୍କ ତ୍ୟାଗ ଚିରସ୍ମରଣୀୟ ହୋଇ ରହିଛି । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ଅବସରରେ ଗାନ୍ଧିଜୀଙ୍କର ଅନେକ ସ୍ମରଣୀୟ ଘଟଣାନାମା ଗଣମାଧ୍ୟମରେ ପ୍ରକାଶ ପାଉଛି । ଦେଶବାସୀଙ୍କ ଭିତରେ ଏକ ଅଭତପୂର୍ବ ଆବେଗ ସୃଷ୍ଟି ହେବା ସହ କୋଟି କୋଟି ଓଡ଼ିଆ ଜାତିର ଜନକଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ତାଙ୍କ ସ୍ମୃତିକୁମନେ ପକାଉଛନ୍ତି । ଉତ୍କଳମଣି ଗୋପବନ୍ଧୁ ଓଡ଼ିଶାବାସୀଙ୍କ ପାଇଁ ପ୍ରାତଃ ସ୍ମରଣୀୟ ବ୍ୟକ୍ତିତ୍ୱ । ଏହି ଲେଖାରେ ଆମେ ଗାନ୍ଧିଜୀଙ୍କ ଓଡ଼ିଶା ଆଗମନରେ ଗୋପବନ୍ଧୁଙ୍କ ସଂକଳ୍ପ, ଭାବାବେଗ ଓ ସ୍ନେହ ସଦିଚ୍ଛା ଅବତରଣ କରୁଛୁ । ବାପୁଙ୍କ ପ୍ରଥମ ଓଡ଼ିଶା ଗସ୍ତର ଅନୁଭୂତି ବିସ୍ତାରିତ ଭାବେ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଥିଲା । ଓଡ଼ିଶାବାସୀଙ୍କ ଦୁଃଖ ଦୁର୍ଦ୍ଦଶା ସ୍ୱଚକ୍ଷୁରେ ଦେଖିବା ପରେ ସେ ଲେଖିଥିଲେ, ଦେଶର କୌଣସି ଅଂଶର ପ୍ରଗତି ବାଧା ପାଇଲେ ସମଗ୍ର ଦେଶର ପ୍ରଗତି ବି ବାଧାପ୍ରାପ୍ତ ହେବ । କେବଳ ଓଡ଼ିଶା ମାଟିରେ ନୁହେଁ, ଭାରତର ବିଭିନ୍ନ ଅଞ୍ଚଳ ଗସ୍ତବେଳେ ଗାନ୍ଧିଜୀ ଓଡ଼ିଆଙ୍କ ଦୁଃଖ ଦୁର୍ଦ୍ଦଶା ସମ୍ପର୍କରେ ବର୍ଣ୍ଣନା କରୁଥିଲେ । ଓଡ଼ିଶା ସହ ବାପୁଜୀଙ୍କର ପରବର୍ତ୍ତୀ କାଳରେ ଏକ ଆବେଗିକ ସମ୍ପର୍କ ଗଢ଼ି ଉଠିଥିଲା । ତେବେ ଗୋପବନ୍ଧୁ ହିଁ ଗାନ୍ଧିଜୀଙ୍କୁ ପ୍ରଥମେ ଓଡ଼ିଶାକୁ ନିମନ୍ତ୍ରଣ କରିଥିଲେ । ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର ଘଡ଼ିସନ୍ଧି ମୁହୂର୍ତ୍ତରେ ହିଁ ଗାନ୍ଧି-ଗୋପବନ୍ଧୁ ଏକାଠି ହୋଇଥିଲେ । ୧୯୨୦ ସେପ୍ଟେମ୍ବରରେ କଲିକତାରେ ନିଖିଳ ଭାରତ କଂଗ୍ରେସର ବିଶେଷ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ସେଥିରେ ଗୋପବନ୍ଧୁ ଯୋଗ ଦେଇଥିଲେ । ତାଙ୍କ ଅନୁରୋଧ ରକ୍ଷା କରି କଲିକତାରେ ରହୁଥିବା ଓଡ଼ିଆ ମାନଙ୍କର ଏକ ସଭାକୁ ଗାନ୍ଧିଜୀ ଯାଇଥିଲେ । ସେଠାରେ ଗୋପବନ୍ଧୁ ତାଙ୍କୁ ଓଡ଼ିଶା ଆସିବାକୁ ଅନୁରୋଧ କରିଥିଲେ । କୁହାଯାଇପାରେ, ଓଡ଼ିଶା ମାଟିକୁ ମହାତ୍ମା ଗାନ୍ଧିଙ୍କ ଆଗମନ ପାଇଁ ଗୋପବନ୍ଧୁ ହିଁ ଭଗୀରଥ ସାଜିଥିଲେ । ଅବଶ୍ୟ ଐତିହାସିକମାନଙ୍କ ମତ ଯେ, ଓଡ଼ିଶାର ଅନ୍ୟତମ ଖ୍ୟାତନାମା ସଂଗ୍ରାମୀ ଗୋବିନ୍ଦ ମିଶ୍ର ସାବରମତୀ ସତ୍ୟାଗ୍ରହ ଆଶ୍ରମରେ ରହୁଥିଲେ ଏବଂ ଓଡ଼ିଶାର ତତ୍କାଳୀନ ସାମାଜିକ, ରାଜନୈତିକ ସ୍ଥିତି ସମ୍ପର୍କରେ ବାପୁଜୀଙ୍କୁ ନିଛକ ଚିତ୍ର ଦେଇଥିଲେ । ଏଣୁ କୁହାଯାଇପାରେ, ଉତ୍କଳମଣି ଗୋପବନ୍ଧୁ ଓ ସଂଗ୍ରାମୀ ଗୋବିନ୍ଦ ମିଶ୍ର ଉଭୟ ଥିଲେ ଗାନ୍ଧିଙ୍କୁ ଓଡ଼ିଶା ସହ ଯୋଡ଼ିବାରେ ମୁଖ୍ୟ ସୂତ୍ରଧର ।

ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଚାଲିଥିବା ଆନ୍ଦୋଳନକୁ ବାପୁଜୀ ଖୋଲା ସମର୍ଥନ କରିବା ସହ ତାଙ୍କ ସମ୍ପାଦିତ ୟଙ୍ଗ ଇଣ୍ଡିଆ, ନବଜୀବନ ଓ ହରିଜନ ଆଦି ପତ୍ରିକାରେ କ୍ରମାଗତ ଭାବେ ପ୍ରକାଶ କରୁଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରାୟ ୧୬

୨୦୪୧ ପୂର୍ବରୁ ଗଡିବନି କଟକ-ଭୁବନେଶ୍ୱର ମେଟ୍ରୋଟ୍ରେନ - ମନ୍ତ୍ରୀ

ଭୁବନେଶ୍ୱର (ଏନ୍.ଏମ୍.): ଭୁବନେଶ୍ୱର ମଧ୍ୟରେ ଏବେ ମେଟ୍ରୋ ରେଳ ସେବା ବ୍ୟବସ୍ଥା ନେଇ କୌଣସି ପ୍ରସ୍ତାବ ରାଜ୍ୟ ସରକାରଙ୍କ ବିଚାରାଧୀନ ନଥିବା ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଆଜି ବିଧାନସଭାରେ ପ୍ରକାଶ କରିଛନ୍ତି । କଂଗ୍ରେସ ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟଙ୍କ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ଏହି ପ୍ରସ୍ତାବ କାର୍ଯ୍ୟକାରୀ କରାଯାଇ ନଥିବାରୁ କୌଣସି ଅର୍ଥ କୌଣସି କମ୍ପାନୀକୁ ଦିଆଯାଇ ନାହିଁ । ତେବେ ବିଧାୟକ ଶ୍ରୀ ରାଉତରାୟ ମନ୍ତ୍ରୀ ଶ୍ରୀ ଜେନାଙ୍କୁ ଜଣେ ଟାଣୁଆ ମନ୍ତ୍ରୀ ଓ ସେ ସତ କହିବେ ବୋଲି ବିଶ୍ୱାସ କରନ୍ତି କିନ୍ତୁ ମନ୍ତ୍ରୀ ବିଧାନସଭାରେ କଞ୍ଚା ମିଛ କହୁଛନ୍ତି । ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା କହନ୍ତି ତାହା କରନ୍ତି କିନ୍ତୁ ଟିକେ ବିଳମ୍ବରେ କରନ୍ତି । ସେ କହିଥିଲେ ୫ ବର୍ଷ ତଳେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ମେଟ୍ରୋ ରେଳ ପାଇଁ ସର୍ଭେ ନିମନ୍ତେ ହାଇଦ୍ରାବାଦର ଏକ କମ୍ପାନୀକୁ ୨ କୋଟି ୬୫ ଲକ୍ଷ ଦିଆଯାଇଛି । ଏ ପର୍ଯ୍ୟନ୍ତ କାହିଁକି ପ୍ରୋଜେକ୍ଟ ରିପୋର୍ଟ ଆସିନାହିଁ, ଆଗାମୀ ବଜେଟରେ ଏଥିପାଇଁ ଅର୍ଥ ବରାଦ ହେବକି ଓ ଏ ନେଇ କାହିଁକି କେନ୍ଦ୍ର ସରକାରଙ୍କୁ ଲେଖାଯାଇ ନାହିଁ ବୋଲି ବିଧାୟକ ଶ୍ରୀ ରାଉତରାୟ ପଚାରିଥିଲେ ।

ଶ୍ରୀ ରାଉତରାୟ କହିଥିଲେ ଯେ ମନ୍ତ୍ରୀ ଶ୍ରୀ ଜେନା ନଟର ପଟର ଲୋକ ନୁହନ୍ତି ତେଣୁ ସେ ସତ କହିବେ । ଏଥିରେ ମନ୍ତ୍ରୀ ଶ୍ରୀ ଜେନା ଉତ୍ତର ରଖି କହିଥିଲେ ଯେ ୨୦୧୩ ମସିହାରେ କଟକ-ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଆଲୋଚନା ହୋଇଥିଲା ଓ ଭାରତ ସରକାର ଏବଂ ଓଡିଶା ସରକାର ମିଳିତ ସର୍ଭେ କରାଇବା ପାଇଁ ଚାହିଁଥିଲେ । ସେଥିପାଇଁ ଭାରତ ସରକାର ଓଡିଶାକୁ ୧୨ ଲକ୍ଷ ୬୧ ହଜାର ଟଙ୍କା ଦେଇଥିଲେ ଓ ପରେ ହାଇଦ୍ରାବାଦର ବାଲାଜୀ ରେଲ ରୋଡ଼ ସିଷ୍ଟମ ଲିମିଟେଡ଼କୁ ସର୍ଭେ ପାଇଁ ଦାୟିତ୍ୱ ଦିଆଯାଇଥିଲା । କିନ୍ତୁ ପ୍ରଥମ ପର୍ଯ୍ୟାୟରେ କଟକ-ଭୁବନେଶ୍ୱର ମଧ୍ୟରେ ମେଟ୍ରୋ ରେଳ ପାଇଁ ଫିଜିବିଲିଟି ଆସିଲା ନାହିଁ ଓ ପରେ ଏହାକୁ ଜଟଣୀ ପର୍ଯ୍ୟନ୍ତ ବୃଦ୍ଧି କରି ରିପୋର୍ଟ ଦେବା ପାଇଁ କୁହାଯାଇଥିଲା । ମନ୍ତ୍ରୀ କହିଛନ୍ତି ଯେ ଏଥିପାଇଁ ସର୍ଭେ କମ୍ପାନୀକୁ ୫୨ ଲକ୍ଷ ଟଙ୍କା ଦିଆଯାଇଛି । କମ୍ପାନୀ ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ ୨୦୪୧ ଯାଏଁ କଟକ-ଭୁବନେଶ୍ୱର କିମ୍ବା କଟକ-ଖୋର୍ଦ୍ଧା ମଧ୍ୟରେ ମେଟ୍ରୋ ରେଳ ଚଳାଇବା ପାଇଁ ଫିଜିବିଲିଟି ନାହିଁ ।

ଚାଲୁ ରହିବ ନବମ ଓ ଦଶମ ଶ୍ରେଣୀ କ୍ଲାସ୍ : ମନ୍ତ୍ରୀ

ଭୁବନେଶ୍ୱର (ଏନ୍.ଏମ୍.) : ରାଜ୍ୟରେ କରୋନା ମାମଲାରେ ବୃଦ୍ଧି ସତ୍ତ୍ୱେ ସରକାରୀ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ କ୍ଲାସ୍ ବନ୍ଦ କରିବାକୁ କୌଣସି ପ୍ରସ୍ତାବ ନାହିଁ ବୋଲି ସୋମବାର ଦିନ ସ୍କୁଲ ଏବଂ ଗଣଶିକ୍ଷା ମନ୍ତ୍ରୀ ସମୀର ଟଂଜନ ଦାଶ ସ୍ପଷ୍ଟ କରିଛନ୍ତି ।

ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ ଘରୋଇ ବିଦ୍ୟାଳୟଗୁଡ଼ିକରେ କରୋନା ମାମଲା ଚିହ୍ନଟ ହୋଇଥିଲା ସରକାରୀ ବିଦ୍ୟାଳୟରେ ମାମଲା ଚିହ୍ନଟ ହୋଇନାହିଁ ।ସେ ଆହୁରି ମଧ୍ୟ କହିଛନ୍ତି ଯେ କରୋନା ନିର୍ଦ୍ଦେଶାବଳୀକୁ କଡାକଡି ପାଳନ ସହ ଏସଓପି ଅନୁଯାୟୀ ସରକାରୀ ବିଦ୍ୟାଳୟରେ ଶାରୀରିକ କ୍ଲାସ୍ ଚାଲିଛି । ସେହିପରି ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପ୍ରାକ୍ଟିସ୍ ଟେଷ୍ଟ ମଙ୍ଗଳବାର ପାଇଁ ଧାର୍ଯ୍ୟ କରାଯାଇଥିବା ବେଳେ ଛାତ୍ରଛାତ୍ରୀ ମାନଙ୍କର ଶାରୀରିକ କ୍ଲାସ୍ ପୂର୍ବପରି ଜାରି ରହିବ ।

୨୨ରୁ ବିପିୟୁଟିର ଅଫଲାଇନ୍ ପରୀକ୍ଷା

ଭୁବନେଶ୍ୱର (ଏନ୍.ଏମ୍.) : ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ଦ୍ୱାରା ପରିଚାଳିତ ଇଞ୍ଜିନିୟରିଂ ପାଠ୍ୟକ୍ରମର ପ୍ରଥମ ଓ ତୃତୀୟ ସେମିଷ୍ଟର ଅଫଲାଇନ୍ ପରୀକ୍ଷା ୨ ଏପ୍ରିଲରୁ ଆରମ୍ଭ ହେବ । ଏନେଇ ଶନିବାର ବିପିୟୁଟି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବି.ଟେକ୍, ବି.ପ୍ଲାନ୍ ଏବଂ ବି.ଫାର୍ମା, ବି.ଆର୍କ, ଇଣ୍ଟିଗ୍ରେଟେଡ ଏମବିଏ, ଏମବିଏ (ପାର୍ଟ ଟାଇମ୍), ଏମସିଏ, ଏମ. ଆର୍କ ଏବଂ ଇଣ୍ଟିଗ୍ରେଟେଡ ଏମ.ଏସସି ପାଠ୍ୟକ୍ରମର ପ୍ରଥମ ଓ ତୃତୀୟ ସେମିଷ୍ଟର ପରୀକ୍ଷା ହେବ । ଏମ୍ଏଏ, ଏମ.ଆର୍କ, ଏମ. ଫାର୍ମା, ଏମ.ଟେକ୍ ଏବଂ ଏମ.ଏସସିର ପ୍ରଥମ ସେମିଷ୍ଟର ପରୀକ୍ଷା କୋଭିଡ କଟକଣା ଭିତରେ କରାଯିବ । ପରୀକ୍ଷା ସଂକ୍ରାନ୍ତ ସମସ୍ତ ବିବରଣୀ ବିପିୟୁଟି ୱେବସାଇଟରେ ଅପଲୋଡ କରାଯାଇଛି ।

ବାରବାଟୀ-କଟକ ଓ ଚୌଦ୍ୱାର-କଟକ ଯୁବ କଂଗ୍ରେସ ନୂତନ ସଭାପତି ନିଯୁକ୍ତ

କଟକ (ଏନ୍.ଏମ୍.) : କଟକ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କାଙ୍କ ସୁପାରିଶ କ୍ରମେ ବାରବାଟୀ-କଟକ ବିଧାନସଭା ଯୁବ କଂଗ୍ରେସ କମିଟିର ନୂତନ ସଭାପତି ଭାବେ ସନ୍ତୋଷ ପାତ୍ର ଏବଂ ଚୌଦ୍ୱାର-କଟକ ବିଧାନସଭା ଯୁବ କଂଗ୍ରେସ କମିଟିର ସଭାପତି ଭାବେ ସ୍ମୃତିରଞ୍ଜନ ରାଉତଙ୍କୁ ଓଡିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡକ୍ଟର ସ୍ମୃତିରଞ୍ଜନ ଲେଙ୍କା ମନୋନୀତ କରିଛନ୍ତି । ନବ ନିଯୁକ୍ତ ସଭାପତି ଶ୍ରୀ ପାତ୍ର ଓ ଶ୍ରୀ ରାଉତ ତାଙ୍କର ନୂତନ ନିଯୁକ୍ତି ପାଇଁ ବିଧାୟକ ଶ୍ରୀ ମୋକିମ, ରାଜ୍ୟ ଯୁବ କଂଗ୍ରେସ ସଭାପତି ଡକ୍ଟର ଲେଙ୍କା ଏବଂ କଟକ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶ୍ରୀ ଲେଙ୍କାଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି । ଆଗାମୀ ଦିନରେ କଟକ ସହରରେ ଯୁବ କଂଗ୍ରେସ ସଂଗଠନକୁ ବିଧାୟକ ମୋକିମଙ୍କ ନେତୃତ୍ୱରେ ମଜବୁତ କରିବା ପାଇଁ କାର୍ଯ୍ୟ କରିବାକୁ ନବ ନିଯୁକ୍ତ ଦୁଇ ସଭାପତି ଜଣାଇଛନ୍ତି ।

ସିଡିଏ ପେଟାନାଳର ଉନ୍ନତିକରଣ ପାଇଁ ବିଧାନସଭାରେ ବିଧାୟକ ମୋକିମଙ୍କ ଦାବି

କଟକ (ଏନ.ଏମ୍.) : କଟକ ସିଡିଏ ପେଟାନାଳର ସୌନ୍ଦର୍ଯ୍ୟକରଣ ଓ ଆଧୁନିକୀକରଣ ପାଇଁ ବାରବାଟୀ-କଟକ ବିଧାୟକ ଇଂ.ମହମ୍ମଦ ମୋକିମ ଗତକାଲି ବିଧାନସଭା ଅଧିବେଶନରେ ମାନ୍ୟବର ଜଳ ସଂପଦ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସଙ୍କୁ ପ୍ରଶ୍ନ କରିଛନ୍ତି । ଏ ଦିଗରେ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଇଛନ୍ତି । କେତେ ଟଙ୍କାର ଯୋଜନା ଅଟକଳ କରାଯାଇଛି ଏବଂ କେବେ ସୁଦ୍ଧା କାର୍ଯ୍ୟ ଆରମ୍ଭ ହେବା ପାଇଁ ସ୍ଥିର କରାଯାଇଛି ବୋଲି ବିଧାୟକ ମୋକିମଙ୍କର ଲିଖିତ ପ୍ରଶ୍ନର ଉତ୍ତର ଦେଇ ମାନ୍ୟବର ଜଳ ସଂପଦ ମନ୍ତ୍ରୀ ଶ୍ରୀ ଦାସ ବୈଷୟିକ କମିଟି ଦ୍ୱାରା ୬୬.୪୬କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦନ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ପେଟାନାଳର ଡବ୍ଲୁଏପିସିଓଏସ ସଂସ୍ଥା ଜରିଆରେ ମାଷ୍ଟର ପ୍ଲାନ ପ୍ରସ୍ତୁତି କରାଯାଇ ୧୨୧.୫୦ କୋଟି ଟଙ୍କାର ଅଟକଳ କରାଯାଇଥିବା ପ୍ରକାଶ କରିଥିଲେ । ଡିପିଆର ପ୍ରସ୍ତୁତି ଚାଲିଛି । ଏହାର ଅନୁମୋଦନ ପରେ ସମ୍ବଳର ଉପଲବ୍ଧତାକୁ ଦେଖି କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ ଉତ୍ତର ରଖିଥିଲା । ଖୁବ ଶୀଘ୍ର ପେଟାନାଳର ଉନ୍ନତି ଓ ଆଧୁନିକୀକରଣ ନିମନ୍ତେ କାର୍ଯ୍ୟ ଆରମ୍ଭ କରିବାକୁ ସବୁ କାର୍ଯ୍ୟ ମଧ୍ୟରେ ପ୍ରାଥମିକତା ଦେବା ପାଇଁ ବିଧାୟକ ଶ୍ରୀ ମୋକିମ ଦାବି ଜଣାଇଛନ୍ତି ।

ଆମୃଞ୍ଜାନ ସାଧନା ଶିବିର ଉଦ୍‌ଯାପିତ

କଟକ (ଏନ୍.ଏମ୍.) : ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସଂଧାନେ'ଆନୁକୂଲ୍ୟରେ କଟକ ସଦର ତେଲେଙ୍ଗାପେଣ୍ଠ ସ୍ଥିତ ଟ୍ୱିନ ସିଟି ମଣ୍ଡପରେ ପାଞ୍ଚ ଦିନ ଧରି ଆୟୋଜିତ ଆମୃଞ୍ଜାନ ସାଧନା ଶିବିର ଉଦଯାପିତ ହୋଇ ଯାଇଛି । ତାମିଲନାଡୁ ଚେନ୍ନାଇ ସ୍ଥିତ ଶୁଦ୍ଧାନନ୍ଦ ଆଶ୍ରମର ଅଧ୍ୟକ୍ଷ ସ୍ୱାମୀ ଶୁଦ୍ଧାନନ୍ଦ ସରସ୍ୱତୀ ପ୍ରତ୍ୟହ ସଂଧ୍ୟା ରେ ମୁଁ କିଏ, ମୁଁ ର ସ୍ୱରୂପ କଣ, ଈଶ୍ୱର ଅବସ୍ଥାନ କେଉଁଠି ଆଦି ବହୁ ଉପାଦେୟ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ସ୍ୱାମୀଜୀ ଉପସ୍ଥିତ ସାଧକ ଶ୍ରୋତାମାନଙ୍କୁ ସଂସାରରେ ସୁଖ ମିଳେନା । ସୁଖ ନିଜ ଭିତରେ ଅଛି । ଏହାକୁ ପାଇବା ପାଇଁ ହେଲେ ପ୍ରଥମେ ନିଜକୁ ଜାଣିବାକୁ ହେବ ବୋଲି ମତ ଦେଇଥିଲେ । ଉଦଯାପନୀ ଦିନ ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ ଅତିଥି ଭାବେ ଯୋଗ ଦେଇ ସ୍ୱାମୀ ଶୁଦ୍ଧାନନ୍ଦଙ୍କ ପରି ଜଣେ ଓଡ଼ିଆ ସନ୍ଥ ଆଜି ସମଗ୍ର ବିଶ୍ୱରେ ବେଦ ବେଦାନ୍ତର ବାଣୀକୁ ପ୍ରଚାର କରି ଓଡିଶା ତଥା ଭାରତକୁ ଗୌରବ ଆଣି ଦେଇପାରିଥିବାରୁ ତାଙ୍କୁ ଭକ୍ତିପୂତ ପ୍ରଣତି ଜ୍ଞାପନ କରିଥିଲେ । ଶେଷ ଦିନ ସାଧନା ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପତ୍ରିକାର ମୁଖ୍ୟ ସମ୍ପାଦକ ଡକ୍ଟର ଶରତ କୁମାର ରଥ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିବା ବେଳେ ବିଶିଷ୍ଟ ଆଧ୍ୟାତ୍ମିକ ସ୍ତମ୍ଭକାର ତଥା ପ୍ରବକ୍ତା ଇଂ. ଶ୍ରୀ ସନ୍ନ୍ୟାସୀ ପ୍ରତ୍ୟହ ସଭା ସଞ୍ଚାଳନ କରିଥିଲେ । ବିଭିନ୍ନ ଦିବସରେ କଟକ ସଦର ପ୍ରେସ କ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ର, ନାଇଜର କୁଳ ସଚିବ ଡକ୍ଟର ଅଭୟ କୁମାର ନାୟକ, ବମ୍ଭୁରି ମଠ ମହନ୍ତ ଡକ୍ଟର ଶ୍ରୀଚରଣ ଦାସ, ଗାୟକ କୁଳଭୂଷଣ ସୁରେନ୍ଦ୍ରନାଥ ଛୋଟରାୟ, ଅଧ୍ୟାପକ ଅକ୍ଷୟ କୁମାର ଭଦ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସ୍ୱାମୀଜୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସ୍ୱାମୀ ଅମ୍ଳାନନ୍ଦ, ବ୍ରହ୍ମଚାରିଣୀ ମନୀଷା ଚୈତନ୍ୟ, ମାନିନୀ ଚୈତନ୍ୟ, ଅଦ୍ୱୈତ ବାବା ଆଦି ବହୁ ସନ୍ଥ ଉପସ୍ଥିତ ଥିଲେ । ପାଞ୍ଚ ଦିନ ବ୍ୟାପି ଉକ୍ତ ଶିବିରକୁ ଇଂ ବିପ୍ଳବ ଦାସ, ସମାଜସେବୀ ଅଶୋକ କୁମାର ଜେନା, ସୌମ୍ୟରଞ୍ଜନ ଜେନା ସାମ୍ବାଦିକ ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ଇଂ. ସାଗରୀକା, ଇଂ. ରଶ୍ମିରଞ୍ଜନ ମିଶ୍ର, ଇଂ. ଦୀପକ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଉତ୍କଳ ସମ୍ମିଳନୀ କଟକ ଜିଲ୍ଲା ଶାଖାର 'ଯୁବ ସେବକ ବାହିନୀ' ଉଦ୍‌ଘାଟିତ

କଟକ(ଏନ୍.ଏମ୍.) : ବହୁ ପ୍ରତୀକ୍ଷିତ ଉତ୍କଳ ସମ୍ମିଳନୀର 'ଯୁବ ସେବକ ବାହିନୀ' ରାଜ୍ୟରେ ପ୍ରଥମ ଥର କରି କଟକ ଜିଲ୍ଲାରେ ଉଦ୍‌ଘାଟିତ ହୋଇଯାଇଛି । ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଡକ୍ଟର ଅଦ୍ୱୈତ୍ୟ କୁମାର ପାତ୍ର ଉଦ୍‌ଘାଟକ ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି । ମାଛୁଆବଜାର ସ୍ଥିତ ଶଶୀକଳା ପ୍ୟାଲେସ୍‌ରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଯୋଗ ଦେଇ ଡକ୍ଟର ପାତ୍ର ଯୁବ ସେବକ ବାହିନୀକୁ ଉଦ୍‌ଘାଟନ କରି ଏହା ଓଡ଼ିଆ ଜାତି ପାଇଁ ଏକ ଐତିହାସିକ ଦିନ ବୋଲି କହିବା ସହ ଅଧିକରୁ ଅଧିକ ସଂଖ୍ୟାରେ ଯୁବକ ଏଥିରେ ଯୋଗ ହେବାପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଆୟୋଜିତ କାର୍ଯ୍ୟ କଟକ ଜିଲ୍ଲା ସମ୍ପାଦିକା ଡକ୍ଟର ନୀଲିମା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଉତ୍କଳ ସମ୍ମିଳନୀର ରାଜ୍ୟ ସାଧାରଣ ସମ୍ପାଦକ ଅନନ୍ତ ଜେନା, ବରିଷ୍ଠ ସଦସ୍ୟ ଅକ୍ଷୟ ଦାସ, କେନ୍ଦ୍ରୀୟ କମିଟିର ଉପସଭାପତି ଉଷାରାଣୀ ମହାନ୍ତି, ପୁରୀ ଜିଲ୍ଲା ସଭାପତି ଭୀମସେନ ମହାପାତ୍ର, କୋଷାଧ୍ୟକ୍ଷ ବିମଳ ପ୍ରସାଦ ଷଡ଼ଙ୍ଗୀ, ଜିଲ୍ଲା ସଭାପତି କମରୁଲ୍ ହୁସେନ୍, ସାଧାରଣ ସମ୍ପାଦକ କିଶୋର ମହାନ୍ତି, ପୂର୍ବତନ କର୍ପୋରେଟର ନମିତା ମଞ୍ଜରୀ ସାହୁ, କ୍ଷୀରୋଦ କୁମାର ସାହୁ, ବିହଙ୍ଗରାଜ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ପାତ୍ର ସେବକ ବାହିନୀର ନୂତନ ସଭ୍ୟମାନଙ୍କୁ ଶପଥ ପାଠ କରାଇବା ସହ ସନ୍ତୋଷ କୁମାର ମହାରଣାଙ୍କୁ କଟକ ଜିଲ୍ଲା ଯୁବ ସେବକ ବାହିନୀର ଆବାହକ ଭାବେ ଘୋଷଣା କରିଥିଲେ । କଟକ ଜିଲ୍ଲା ଉପସଭାପତି ବିଶ୍ୱଜିତ୍ ସୂର୍ଯ୍ୟବଂଶୀ ମଞ୍ଚ ପରିଚାଳନା କରିଥିଲେ । ଅମ୍ରିତା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉପେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ । ସେହିପରି ଜଗତସିଂହପୁର, ଭଦ୍ରକ, ନୟାଗଡ଼ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ଯୁବ ସେବକ ବାହିନୀ ଗଠନ ପାଇଁ ଆଇନଜୀବୀ ମହେନ୍ଦ୍ରଲାଲ୍ ଜେନା, ରମାକାନ୍ତ ସାହୁ, ଆଇନଛାତ୍ର ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଏବଂ ଅଧିବକ୍ତା ଜଗନ୍ନାଥ ପଟ୍ଟନାୟକଙ୍କୁ ଡକ୍ଟର ପାତ୍ର ସମ୍ବର୍ଦ୍ଧିତ କରିବା ସହ ଦାୟିତ୍ୱ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଡକ୍ଟର କଲ୍ଲିମୁଲ୍ଲା, ବିହଙ୍ଗରାଜ ବଶ୍ୱାଳ, ଅଧ୍ୟାପକ ଶାନ୍ତନୁ ପଣ୍ଡା, ଚୌଧୁରୀ ଶାଶ୍ୱତ ମହାପାତ୍ର, ସାର୍ଥକ ରାୟ, ଜିଷ୍ଣୁ ଘୋଷ, ଦେବୀପ୍ରସାଦ ସେଠୀ, ତାପସ ମହାନ୍ତି, ପ୍ରକାଶ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମ ପ୍ରତିବାଦରେ ପୁଲିସ କମିଶନରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କଟକ(ଏନ୍.ଏମ୍.) : କଟକ ସଦର କନ୍ଦରପୁର ଥାନା ଉପକଣ୍ଠ ନିମେଇଶାପୁର ଗ୍ରାମର ଦିବ୍ୟାଙ୍ଗ ନାବାଳିକାକୁ ସେହିଗ୍ରାମର ଅସାମାଜିକ ବ୍ୟକ୍ତି ବିଶେଷ ଦୁଷ୍କର୍ମ କରିବା ପ୍ରତିବାଦ ତଥା ଏହି ନିନ୍ଦନୀୟ କାର୍ଯ୍ୟକୁ ଦୃଢ ବିରୋଧ କରି ଅଗ୍ରଣୀ ସାମାଜିକ ସଂଗଠନ ଉତ୍କଳ ବିକାଶ ପରିଷଦ(ଉବିପ) କନ୍ଦରପୁର ଥାନାରେ ଥାନା ଅଧିକାରୀଙ୍କୁ ଭେଟି ଆଲୋଚନା କରିବାସହ ଦୋଷୀକୁ ଉପଯୁକ୍ତ ଦଣ୍ଡ ଦିଆଯିବା,ଉପଯୁକ୍ତ

ଭରଣପୋଷପ ବାବଦରେ ପାଞ୍ଚଲକ୍ଷ ଟଙ୍କା ପ୍ରଦାନ, ସରକାରଙ୍କ ପକ୍ଷରୁ ଆଇନିସ୍ପୋ ଯୋଗାଇ ଦେବାକୁ ପୋଲିସ କମିଶନର-ଭୁବନେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କନ୍ଦରପୁର ଥାନା ଅଧିକାରୀଙ୍କ ଜରିଆରେ ପ୍ରଦାନ କରିଛନ୍ତି । ପରିଷଦର କାର୍ଯ୍ୟକର୍ତା ବର୍ଗ ସୁରେଶ ଜେନା,ନିରଞ୍ଜନ ରାଉଳ, ସନ୍ତୋଷ ଭୋଇ,ଦେବୀ ପ୍ରସାଦ ପତି, ସିଦ୍ଧାନ୍ତ ଭୋଇ,ଅନିଲ ମହାପାତ୍ର,ସଂଜୟ ସେଠୀ,ରବୀନ୍ଦ୍ର ପାତ୍ର,ସଂଜୟ ସାହୁ,ଲକ୍ଷ୍ମୀଧର ଜେନା,ବିନୋଦ ଦାଶ,ଅକ୍ଷୟ ଦାଶ,ବଳରାମ ନାୟକ,ବିଶ୍ୱଟଂଜନ ଦାଶ,ପ୍ରମୋଦ ସେଠୀ, ମୁନା ପ୍ରଧାନ ପ୍ରମୁଖ ପିଡୀତାଙ୍କ ଘରକୁ ଯାଇ ତାଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ । ପରିଷଦର ସଭାପତି ଯୁବସମାଜସେବୀ ଇଂ.ପ୍ରକାଶ ଚନ୍ଦ୍ର ସେଠୀ ଏହି ଅମାନୁଷିକ କର୍ଯ୍ୟକୁ ନିନ୍ଦା କରିବାସହ ପ୍ରଶାସନ ଏହିଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ସୂଚନାଯୋଗ୍ୟ ଆସାମୀକୁ କନ୍ଦରପୁର ଥାନା ପକ୍ଷରୁ ଅଭିଯୁକ୍ତଙ୍କୁ ଗିରଫକରି କୋଟଚାଲାଣ କରିଛି ।

ସରସ୍ୱତୀ କଳା ପରିଷଦ'ର ପ୍ରତିଷ୍ଠା ଦିବସ

କଟକ ସଦର (ଏନ୍.ଏମ୍.) : କଟକସଦର ଅନ୍ତର୍ଗତ କନ୍ଦରପୁର ଅଞ୍ଚଳର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ସରସ୍ୱତୀ କଳା ପରିଷଦ'ର ୧୭ତମ ପ୍ରତିଷ୍ଠା ଦିବସ ଉମାକାନ୍ତ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇ ସମ୍ବର୍ଦ୍ଧନା ପର୍ବ, ଆଲୋଚନା ଚକ୍ର, ପତ୍ରପତ୍ରିକା ସହ ନିୟମିତ ପ୍ରକାଶ ପାଉଥିବା ସପ୍ତାହିକ ଖବରକାଗଜ 'ନିଷ୍କର୍ଷ' ଲୋକାର୍ପିତ ହୋଇଥିଲା । ପ୍ରଥମ ଉଦଘାଟନୀ ଉତ୍ସବରେ ସ୍ତମ୍ଭକାର ଅମୀୟ ପାଣ୍ଡବ, ଓୟୁଜେ କଟକ ଜିଲ୍ଲା ସଭାପତି ସାମ୍ବାଦିକ ପ୍ରଫୁଲ୍ଲ କୁମାର ମହାନ୍ତି, ସବୁଜକବି ବୀରକିଶୋର ନାୟକ, ଆଓ୍ୱାଜ ମିଡିଆ ବ୍ୟୁରୋଚିଫ ସାମ୍ବାଦିକ ସତ୍ୟବ୍ରତ, ନିଷ୍କର୍ଷ ମିଡିଆ ଖବର ବିଭାଗ ମୁଖ୍ୟ ବରିଷ୍ଠ ସାମ୍ବାଦିକ ବସନ୍ତ କୁମାର ରଥ, ଗୁରୁ ମହେଶ୍ୱର ବେହେରା, ଗୁରୁ ମହାଦେବ ମହାରଣା, ଆଧ୍ୟାତ୍ମିକ ପ୍ରବକ୍

ଡ୍ରିମ୍‌ସରେ ଜାତୀୟ କର୍ମଶାଳା 'ସେନସାଟ୍-୨୦୨୧'

ଟାଙ୍ଗୀ-ଚୌଦ୍ୱାର (ଏନ୍.ଏମ୍.) : ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ଆନୁକୂଲ୍ୟରେ ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟ ହ୍ୟୁମାନିଟିଜ୍ ଆଣ୍ଡ ସୋସିଆଲ ସାଇନ୍ସ ବିଭାଗ ଦ୍ୱାରା 'ସାଇଜ୍ ଇଫେକ୍ଟ ଅଫ ନାନୋ ମେଟେରିଆଲ ଇନ୍ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି' (ସେନ୍‌ସାଟ୍-୨୦୨୧) ଶୀର୍ଷକ ୬ ଦିନିଆ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ହ୍ୟୁମାନିଟିଜ୍ ଆଣ୍ଡ ସୋସିଆଲ ସାଇନ୍ସ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଓ ବାହର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଗବେଷକ ଓ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ପ୍ରସଙ୍ଗ ଉପରେ ମତ ବିନିମୟ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏଆଇସିଟିଇ, ନୂଆଦିଲ୍ଲୀର ନିର୍ଦ୍ଦେଶକ କର୍ଣ୍ଣେଲ ବି.ଭେଙ୍କଟ ଯୋଗଦେଇ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ସହ ନାନୋ ପଦ୍ଧତି ଦ୍ୱାରା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଆଜି ଅନେକ ପରିବର୍ତ୍ତନ ସମ୍ଭବ ହୋଇଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ୍ ପ୍ରମୋଦ ଚନ୍ଦ୍ର ରଥ, ପ୍ରୋ-ଚେୟାରମ୍ୟାନ୍ ଜଂ.ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ସହ ନିର୍ଦ୍ଦେଶକ ସୁଧାଂଶୁ ଭୂଷଣ କର ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭିତ୍ତିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ, ଶିକ୍ଷକ ଓ ଗବେଷକ ପାଇଁ ସହାୟକ ହେବବୋଲି ଆଶା ବ୍ୟକ୍ତ କରିଥିଲେ । ଅଧ୍ୟକ୍ଷ ଡକ୍ଟର ରାଜେନ୍ଦ୍ର କୁମାର ଦାସ ସ୍ୱାଗତ ଅଭିଭାଷଣ ଏବଂ ମୁଖ୍ୟ ସଂଯୋଜକ ପ୍ରାଧ୍ୟାପକ ଡକ୍ଟର ବିଦ୍ୟାଧର ସ୍ୱାଇଁ ବିବରଣୀ ଉପସ୍ଥାପନା କରିଥିଲେ । ପ୍ରାଧ୍ୟାପିକା ଶୁଭ୍ରଜିତା ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା ଏବଂ ପ୍ରାଧ୍ୟାପିକା ଡକ୍ଟର କ୍ରିଷ୍ଣାପ୍ରଦା ଦାଶ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଅତିଥିଙ୍କ ଦ୍ୱାରା 'ବିବରଣୀ ପୁସ୍ତିକା' ଉନ୍ମୋଚିତ ହୋଇଥିଲା । ବୈଷୟିକ ଅଧିବେଶନରେ 'ନାଇଜର'ର ପ୍ରାଧ୍ୟାପକ ଡକ୍ଟର ଶୁଭଙ୍କର ବେଦାନ୍ତ, ଡକ୍ଟର ପ୍ରତାପ କୁମାର ସାହୁ, ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର କୁନ୍ତଳ ଚାଟାର୍ଜୀ, ପଶ୍ଚିମବଙ୍ଗ ୟୁନିଭରସିଟି ଅଫ ଟେକ୍‌ନୋଲୋଜିର ଅବସରପ୍ରାପ୍ତ ଉପକୁଳପତି ଡକ୍ଟର ପ୍ରଶାନ୍ତ କୁମାର ମହାପାତ୍ର, ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର ବିବେକାନନ୍ଦ ସୁନ୍ଦରାୟ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଧ୍ୟାପକ ନରେଶ ମିଶ୍ର, ସୋଆ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର ଚଣ୍ଡୀରଞ୍ଜନ ଆଚାର୍ଯ୍ୟ ଓ ଇଂଜିନିୟର ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ବିଶେଷଜ୍ଞ ବକ୍ତା ଭାବରେ ଯୋଗଦେଇଥିଲେ । ଡିନ୍ (ଛାତ୍ରକଲ୍ୟାଣ) ଡକ୍ଟର ଲୀନା ପଟ୍ଟନାୟକଙ୍କ ପରିଚାଳନାରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ଉତ୍କଳ ସେବକ ସମାଜ ପକ୍ଷରୁ ଶିଶୁ ସୁରକ୍ଷା କର୍ମଶାଳା

କଟକ(ଏନ୍.ଏମ୍.) : ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ସେବକ ସମାଜ ପକ୍ଷରୁ କାର୍ଯ୍ୟରତ ସିଏସସି ବିହାନ ପ୍ରକଳ୍ପ ପକ୍ଷରୁ ଏଚଆଇଭି ଓ ଏଡ୍‌ସ ଆକ୍ରାନ୍ତ ଶିଶୁମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଚାଲୁଥିବା ବିଭିନ୍ନ ଶିଶୁ ସୁରକ୍ଷା ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଛି । ଶିଶୁ ମଙ୍ଗଳ ସଭାଗୃହରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଶିଶୁମଙ୍ଗଳ କମିଟି ଅଧ୍ୟକ୍ଷା ମନ୍ଦାକିନି ଜେମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଶୁମଙ୍ଗଳ କମିଟି ସଦସ୍ୟ ଚିତ୍ତରଞ୍ଜନ ମହାନ୍ତି, ଶିଶୁମାନଙ୍କ ସୁରକ୍ଷା ପ୍ରକଳ୍ପ ଅଧିକାରୀ ଗୌତମ ମହାପାତ୍ର ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ପାଇଁ ଥିବା ସ୍ପନସରସିପ୍, ସୁକନ୍ୟା ସମୃଦ୍ଧି ଯୋଜନା ଓ ବିଜୁ ଶିଶୁ ସୁରକ୍ଷା ଯୋଜନାରେ କିଭଳି ପିଲାମାନେ ଅଧିକରୁ ଅଧିକ ସମ୍ପୃକ୍ତ ହୋଇ ଲାଭ ପାଇ ପାରିବ ତା' ଉପରେ ଧ୍ୟାନ ଦେବାକୁ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ସମ୍ପାଦକ ଅମୀୟ ଭୂଷଣ ବିଶ୍ୱାଳ ଏଚଆଇଭି ଓ ଏଡ୍‌ସ ସଂକ୍ରମିତ ଶିଶୁମାନଙ୍କ ସାମାଜିକ, ଆର୍ଥିକ ଓ ସୁରକ୍ଷାଗତ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ସ୍ନେହମୟୀ ଦାସ, ଉପେନ୍ଦ୍ର ସାମଲ, ବାସୁଦେବ ରାଉତ, ଜ୍ଞାନରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ମତାମତ ରଖିଥିଲେ । ମଳୟ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ ।

କାଳିଆ ଯୋଜନାରେ ଖର୍ଚ୍ଚ ନେଇ ତଥ୍ୟ ରଖିଲେ ମନ୍ତ୍ରୀ

ଭୁବନେଶ୍ୱର(ଏନ୍.ଏମ୍.) : କାଳିଆ ଯୋଜନାରେ ରାଜ୍ୟ ସରକାର ଏପର୍ଯ୍ୟନ୍ତ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ସେ ନେଇ ବିସ୍ତୃତ ତଥ୍ୟ ଦେଇଛନ୍ତି କୃଷି ମନ୍ତ୍ରୀ ଅରୁଣ ସାହୁ । ଆଜି ଗୃହରେ ବିଜେପି ବିଧାୟକ ନାଉରି ନାୟକ ପ୍ରଶ୍ନ କରିଥିଲେ ଯେ କାଳିଆ ଯୋଜନାରେ କେତେ ସଂଖ୍ୟକ କୃଷକ ଓ କୃଷି ନିମନ୍ତେ କେତେ ଅର୍ଥ ବ୍ୟୟ କରାଯାଇଛି । ଏହାର ଉତ୍ତରରେ କୃଷି ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି ଯେ ୨୦୧୮-୧୯ ଓ ୨୦୧୯-୨୦ ବର୍ଷରେ କାଳିଆ ଯୋଜନାରେ ୫୧.୦୫ ଲକ୍ଷ ଜଣ କ୍ଷୁଦ୍ର ନାମମାତ୍ର ଚାଷୀ ଓ ଭୂମିହୀନ କୃଷି ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଥିଲା ଏବଂ ଏଥିପାଇଁ ୨୦୧୮-୧୯ ମସିହାରେ ଚାଷୀ ସହାୟତା ଓ ପ୍ରଶାସନିକ ବ୍ୟୟ ବାବଦକୁ ୨୧୭୫.୬୬ କୋଟି ବ୍ୟୟ କରାଯାଇଛି । ସେହିପରି ୨୦୧୯-୨୦ ମସିହାରେ ୩୨୪୩.୦୧ କୋଟି ଟଙ୍କା ବ୍ୟୟ କରାଯାଇଥିଲା । ପୁନଶ୍ଚ ୨୦୨୦-୨୧ ମସିହାରେ ୫୩.୫୫ ଲକ୍ଷ କ୍ଷୁଦ୍ର ନାମମାତ୍ର ଓ ଭୂମିହୀନ କୃଷି ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି ଏବଂ ଏଥିପାଇଁ ଫେବୃଆରୀ ମାସ ସୁଦ୍ଧା ୧୨୭୨.୧୯ କୋଟି ଟଙ୍କା ବ୍ୟୟ କରାଯାଇଥିଲା ।

ଚିରକୁଟି ଦେଖାଅ, ପାଣି ନିଅ

ରାୟଗଡ଼ା (ଏନ୍.ଏମ୍.) : ପାଣି ପାଇଁ ଚିରକୁଟି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ସାରା ରାଜ୍ୟ ଛଟପଟ ହେଉଥିବା ବେଳେ ରାୟଗଡ଼ା ସଦର ବ୍ଲକର ନେଲାମେଟା ଗାଁରେ ଏଭଳି ଏକ ଅଜବ ଦୃଶ୍ୟ ଦେଖିବାକୁ ମିଳୁଛି । ଅଙ୍ଗନବାଡି କର୍ମୀଙ୍କଠାରୁ ଚିରକୁଟ ନେଇ ଗ୍ରାମବାସୀ ନଳକୂଅରୁ ପାଣି ସଂଗ୍ରହ କରୁଛନ୍ତି । ବିଶେଷ କରି ରାୟଗଡ଼ା ସଦର ବ୍ଲକର ନେଲାମେଟା ଗାଁରେ ଦେଖିବାକୁ ମିଳିଛି ଅଦ୍ଭୁତ ଦୃଶ୍ୟ । ନଳକୂଅ ନିକଟରେ ମହିଳାଙ୍କ ଲମ୍ବା ଧାଡ଼ି ଲାଗୁଛି । କାହା ହାତରେ ଗରା ତ ଆଉ କାହା ହାତରେ ବାଲ୍ଟି । ତା ସାଙ୍ଗକୁ ଖଣ୍ଡେ ଖଣ୍ଡେ ଧଳା କାଗଜର ଚିରକୁଟି । ଏହି ଚିରକୁଟିରେ ଲେଖାଯାଇଛି ମହିଳାଙ୍କ ନାଁ । ଯାହାକୁ ଚିରକୁଟି ମିଳୁଛି, ସେ ନଳକୂଅରୁ ପାଣି ନେଉଛି । ଏ ଦୃଶ୍ୟ ଦେଖିଲେ ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବ । କିନ୍ତୁ ପ୍ରତିଦିନ ପାଣି ପାଇଁ ଅଙ୍ଗନବାଡି କର୍ମୀଙ୍କଠାରୁ ଚିରକୁଟି ସଂଗ୍ରହ କରୁଛନ୍ତି ଗାଁର ମହିଳାମାନେ । ନାଗାବଳୀ ନଦୀ କୂଳରେ ଥାଇ ମଧ୍ୟ ଗାଁରେ ଭୀଷଣ ଜଳକଷ୍ଟ । ୨୦ଟି ପରିବାର ପାଇଁ ରହିଛି ଗୋଟିଏ ମାତ୍ର ଟ୍ୟୁବୱେଲ, ହେଲେ ତାହା ବି ଠିକରେ କାମ କରୁନି । ମାତ୍ର ୧୦-୨୦ ହାଣ୍ଡି ପାଣି ବାହାରିବା ପରେ ଆଉ ପାଣି ବାହାରୁ ନଥିବା ଲୋକଙ୍କ ଅଭିଯୋଗ କରିଛନ୍ତି ।

ବିକାଶକୁ ଉପହାସ

ବୁଢ଼ାଦାନି-ତୁଡ଼ିପାଜୁ ମଧ୍ୟରେ ଅସ୍ଥାୟୀ ବାଉଁଶ ପୋଲ ହିଁ ମାଧ୍ୟମ

ଫୁଲବାଣୀ (ଏନ୍.ଏମ୍.) : ଗୋଟିଏ ପରେ ସରକାର ବିକାଶର ଡିଣ୍ଡିମ ପିଟୁଥିବାବେଳେ କନ୍ଧମାଳ ଜିଲ୍ଲାରେ ବିକାଶ ଜନସାଧାରଣଙ୍କ ପାଇଁ ଅପହଞ୍ଚ ହୋଇ ପଡ଼ିଛି । କନ୍ଧମାଳ ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ବୁଢ଼ାଦାନି ଓ ତୁଡ଼ିପାଜୁ ମଧ୍ୟରେ ବଡ଼ସାଲୁଙ୍କି ନଦୀ ଉପରେ ଜନସାଧାରଣ ଯାତାୟତ କରୁଥିବା ଦେଖିଲେ ଏଠାରେ ବିକାଶକୁ ଉପହାସ କରୁଥିବା କୁହାଯାଇଛି । ଏହି ଅଞ୍ଚଳ ମଧ୍ୟରେ ଥିବା ନଦୀ ହିଁ ଗମନାଗମନର ମୁଖ୍ୟ ସମସ୍ୟା ପାଲଟିଛି । ନଦୀ ଉପରେ ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରୁଥିଲେ ମଧ୍ୟ ଏ ନେଇ କେହି ଶୁଣୁ ନାହାନ୍ତି । ଖରାଦିନେ ଏଠାରେ ଏକ ଅସ୍ଥାୟୀ ବାଉଁଶ ନିର୍ମିତ ପୋଲ୍ ଦେଇ ଉଭୟ ଗ୍ରାମର ଲୋକେ ନଦୀ ପାର ହୋଇଥାନ୍ତି । ବୁଢ଼ାଦାନି ଏବଂ ଏହାର ଆଖପାଖ ଗ୍ରାମର ଲୋକେ ଏହି ବାଉଁଶ ପୋଲ ଦେଇ ଫୁଲବାଣୀ ସହରକୁ ଆସିଥାନ୍ତି । ଏମିତିକି ବହୁ କଷ୍ଟରେ ବାଉଁଶ ପୋଲ୍ ଦେଇ ମୋଟର ସାଇକେଲ୍ ପାର କରାଇଥାନ୍ତି । କିନ୍ତୁ ବର୍ଷା ଦିନେ ଏହି ବାଉଁଶ ପୋଲଟି ପାଣିରେ ବୁଡ଼ିଯିବା ଫଳରେ ଉଭୟ ଗ୍ରାମ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼େ । ଏହି ଗ୍ରାମର ଲୋକଙ୍କୁ ଫୁଲବାଣୀ ସହରକୁ ଯିବାକୁ ହେଲେ ଅଧିକ ୧୦ କିଲୋମିଟର ରାସ୍ତା ବୁଲିବାକୁ ପଡ଼ିଥାଏ । ବୁଢ଼ାଦାନି ଏବଂ ତୁଡ଼ିପାଜୁ ମଧ୍ୟରେ ଏକ ସ୍ଥାୟୀ ପୋଲ ନିର୍ମାଣ ହୋଇଗଲେ ଉଭୟ ଗ୍ରାମର ଲୋକଙ୍କ ସମସ୍ୟା ଦୂର ହୋଇ ପାରିବ । ପୋଲ ନିର୍ମାଣ ନେଇ ବୁଢ଼ାଦାନି ଓ ତୁଡ଼ିପାଜୁ ଗ୍ରାମବାସୀଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ବହୁବାର ଜିଲ୍ଲା ପ୍ରଶାସନ, ରାଜନେତା, ଜନ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉ ନଥିବା ଅଭିଯୋଗ ଉଠିଛି । ବୁଢ଼ାଦାନିରେ ବଡ଼ସାଲୁଙ୍କି ନଦୀରେ ତୁରନ୍ତ ଏକ ସ୍ଥାୟୀ ପୋଲ ନିର୍ମାଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି । ପୋଲ ନିର୍ମାଣ ନହେଲେ ଆଗାମୀ ଦିନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ବୁଢ଼ାଦାନି ଗ୍ରାମର ପୂର୍ବତନ ସରପଞ୍ଚ ପଞ୍ଚାନନ କହଁର, ଅବନୀ କହଁର, ବିଶ୍ୱବିହାରୀ କହଁର, ଦୁର୍ଗାମାଧବ କହଁର, ସମିତିସଭ୍ୟ ଗଣେଶ କହଁର, ବିଶ୍ୱନାଥ ବେହେରା, ବିନାୟକ ଗଣ୍ଡା, ଉପେନ୍ଦ୍ର କହଁର ଓ ପଦ୍ମନାଭ କହଁର ପ୍ରମୁଖ ଚେତାବନୀ ଦେଇଛନ୍ତି ।

ଭାରତ-ଆମେରିକା ମଧ୍ୟରେ ଉର୍ଜା ସମ୍ପର୍କର ପୁନଃପ୍ରତିଷ୍ଠା ହେବ : ଧର୍ମେନ୍ଦ୍ର

ଭୁବନେଶ୍ୱର (ଏନ୍.ଏମ୍.) : କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଆମେରିକାର ନୂଆ ଉର୍ଜା ସଚିବ ଜେନିଫର୍ ଗ୍ରାନ୍‌ହୋଲମ୍‌ଙ୍କ ମଧ୍ୟରେ ଭିଡିଓ କନ୍ଫରେନ୍ସିଂ ମାଧ୍ୟମରେ ଏକ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶ୍ରୀ ପ୍ରଧାନ ଜେନିଫର୍ ଗ୍ରାନହୋଲମଙ୍କୁ ନୂଆ ପଦରେ ଅବସ୍ଥାପିତ ପାଇଁ ଅଭିନନ୍ଦନ ଜଣାଇବା ସହ ଭାରତ ଓ ଆମେରିକା ମଧ୍ୟରେ ରଣନୈତିକ ଉର୍ଜା ସମ୍ପର୍କ ଉପରେ ସମୀକ୍ଷା କରିଥିଲେ ।

ଉଭୟ ନେତୃତ୍ୱ ଭାରତ-ଆମେରିକା ମଧ୍ୟରେ ରଣନୈତିକ ଉର୍ଜା ସମ୍ପର୍କର ପୁନଃପ୍ରତିଷ୍ଠାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନଙ୍କ ନୂଆ ପ୍ରାଥମିକତାରେ ପ୍ରତିଫଳିତ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି । ସ୍ୱଚ୍ଛ ଉର୍ଜାର ପ୍ରଚାର ପ୍ରସାର କରିବା, କମ୍ ପ୍ରଦୂଷଣଯୁକ୍ତ ମାର୍ଗ ଆପଣାଇବା ଏବଂ ସବୁଜ ଉର୍ଜା ସହଯୋଗକୁ ତ୍ୱରାନ୍ୱିତ କରିବା ଦିଗରେ କାମ କରିବା ପାଇଁ ଶ୍ରୀ ପ୍ରଧାନ ଓ ଆମେରିକାର ସଚିବ ସହମତି ପ୍ରକାଶ କରିଛନ୍ତି । ସେହିପରି ଅନ୍ୟାନ୍ୟ ପଦକ୍ଷେପ ମଧ୍ୟରେ ସ୍ୱଚ୍ଛ ଉର୍ଜା କ୍ଷେତ୍ର ଯଥା ଜୈବଇନ୍ଧନ, କାର୍ବନ କ୍ୟାପ୍ଚର୍ ଆଣ୍ଡ ଷ୍ଟୋରେଜ୍(ସିସିୟୁଏସ୍), ହାଇଡ୍ରୋଜେନ୍ ଉତ୍ପାଦନ ଏବଂ କାର୍ବନ ଅଧିଗ୍ରହଣ ଓ ଆଡଭାନ୍ସ କ୍ଲିନ୍ ଏନର୍ଜି ରିସର୍ଚ୍ଚ (ପିଏସିଇ-ଆର)ରେ ମିଳିତ ସହଯୋଗକୁ ପ୍ରାଥମିକତା ଦେବାକୁ ଉଭୟ ମନ୍ତ୍ରୀ ସହମତି ହୋଇଥିଲେ । ଶୀଘ୍ର ଭାରତ-ଆମେରିକାର ରଣନୈତିକ ଉର୍ଜା ସମ୍ପର୍କର ତୃତୀୟ ବୈଠକ ଅନୁଷ୍ଠିତ ହେବା ନେଇ ମଧ୍ୟ ଉଭୟ ପକ୍ଷ ସହମତି ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ ଗତ ଫେବୃଆରି ମାସରେ ଜେନିଫର ଗ୍ରାନହୋଲମ୍ ଆମେରିକାର ଉର୍ଜା ସଚିବ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ।

ହାତୀ ଆକ୍ରମଣରେ ପୁଲିସ କର୍ମଚାରୀ ଗୁରୁତର

ଢେଙ୍କାନାଳ(ଏନ୍.ଏମ୍.) : ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବ୍ଲକ୍ ଅନ୍ତର୍ଗତ ତୁମୁସିଙ୍ଗା ଥାନାରେ କାର୍ଯ୍ୟରତ ପୁଲିସ କର୍ମଚାରୀ ହୃଷିକେଶ ନାୟକ ଆଜି ଥାନାରୁ କାମ ସାରି ନିଜ ଘର କାମାକ୍ଷାନଗର ସାରୁଆଳି ପଞ୍ଚାୟତର ବାମ୍ପୁ ଗାଁକୁ ଫେରୁଥିବା ସମୟରେ କଦଳୀପାଳ ନିକଟରେ ଗୋଟିକିଆ ଦନ୍ତାହାତୀ ଆକ୍ରମଣ କରିଥିଲା । ଏହାଫଳରେ ସେ ଗୁରୁତର ଆହତ ହୋଇ ପ୍ରଥମେ କାମାକ୍ଷାନଗର ଡାକ୍ତରଖାନାରେ ଚିକିତ୍ସିତ ହୋଇ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି ।

ରାଜ୍ୟକୁ କେନ୍ଦ୍ରର ଚିଠି : କେନ୍ଦ୍ରୀୟ ଯୋଜନାରେ ରାଜ୍ୟସରକାରଙ୍କ ଲୋଗୋ ଲଗାଇବାକୁ ମନା !

ଭୁବନେଶ୍ୱର(ଏନ୍.ଏମ୍.) ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ପକ୍କା ଘରେ ଲାଗି ପାରିବନି ବିଜୁ ପକ୍କାଘର ଯୋଜନାର ଲୋଗୋ । ରାଜ୍ୟ ସରକାରଙ୍କୁ ଏନେଇ ଚିଠି ଲେଖି ଜଣାଇଛି କେନ୍ଦ୍ର । ଗତକାଲି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି କେନ୍ଦ୍ର ଗ୍ରାମୀଣ ବିକାଶ ବିଭାଗର ପ୍ରମୁଖ ସଚିବ ନଗେନ୍ଦ୍ର ନାଥ ସିହ୍ନା ଜଣାଇଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଯୋଜନାକୁ ରାଜ୍ୟରେ ଅବିକଳ ଭାବେ ଏବଂ ସେହି ନାଁରେ ଲାଗୁ କରାଯାଉ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଗୃହକୁ କେବଳ ଏହି ନାଁର ଲୋଗୋ ଲଗାଇବାକୁ ରାଜ୍ୟ ସରକାରଙ୍କୁ ଚିଠିରେ କୁହାଯାଇଛି ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲୋକଙ୍କୁ ମିଳିଥିବା ଘରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କା ଘର ଯୋଜନାର ଦୁଇଟି ଯାକ ଲୋଗୋ ଥାଇ ଷ୍ଟିକର ଲଗାଯିବା ଘଟଣାକୁ ପୂର୍ବରୁ ବିରୋଧ କରିଆସୁଥିଲା ବିଜେପି । ଏପରିକି ରାଜ୍ୟପାଳଙ୍କୁ ମଧ୍ୟ ଏନେଇ ବିଜେପି ଆପତ୍ତି କରିବା ସହ ବିଜୁ ପକ୍କାଘର ଯୋଜନାର ଷ୍ଟିକର ହଟାଇବାକୁ ଦାବି କରି ସ୍ମାରକପତ୍ର ଦେଇଥିଲା । ସେହିପରି ଗତ ଫେବୃଆରୀ ୧୨ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବିଜେପି ସାଂସଦମାନଙ୍କ ଏକ ଟିମ୍ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ଭେଟି ଏହି ପ୍ରସଙ୍ଗରେ ବ୍ୟକ୍ତିଗତ ହସ୍ତକ୍ଷେପ ଲାଗି ଅନୁରୋଧ କରିଥିଲେ । ଏହା ପରେ ଗତକାଲି ରାଜ୍ୟ ସରକାରଙ୍କୁ ଏନେଇ ଚିଠି ଲେଖି କେନ୍ଦ୍ରୀୟ ଯୋଜନାରେ ରାଜ୍ୟ ଯୋଜନାର ଲୋଗୋ ଲାଗିବା ଅନୁମୋଦିତ ନୁହେଁ ବୋଲି ଜଣାଇଛି କେନ୍ଦ୍ର ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଘରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅଫିସିଆଲ୍ ଲୋଗୋ ଲଗାଇବାକୁ ରାଜ୍ୟକୁ କୁହାଯାଇଛି ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

କଟକ(ଏନ୍.ଏମ୍.) : ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗୀୟ କାର୍ଯ୍ୟାବଳୀ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜସ୍ୱ ପର୍ଷଦ କାର୍ଯ୍ୟାଳୟସ୍ଥିତ ଭୂଲେଖ, ବନ୍ଦୋବସ୍ତ ଓ ଚକବନ୍ଦୀ ନିର୍ଦ୍ଦେଶାଳୟ ପକ୍ଷରୁ ରାଜସ୍ୱ ପର୍ଷଦ ସମ୍ମିଳନୀ କକ୍ଷରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ନିର୍ଦ୍ଦେଶକ ଶଶଧର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚକବନ୍ଦୀ ଓ ବନ୍ଦୋବସ୍ତ କାର୍ଯ୍ୟକ୍ରମ ସହ ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟାବଳୀ ବିଶେଷ କରି ନିର୍ଭୁଲ ଜମି

ବିଷ ବେପାର

ସାପ ଓଡ଼ିଶା ଓ ସୀମାବର୍ତ୍ତୀ ଜିଲ୍ଲାରୁ ଧରାଯାଇଥିବା ଆଶଙ୍କା କରାଯାଉଛି । ଅନ୍ୟପଟେ କିଏ ସାପ ଧରନ୍ତି, କେଉଁଠି ବିଷ ସଂଗ୍ରହ ହୁଏ, କେତେ ଦିନ ହେବ ଏହି ସାପ ଧରା ଓ ବିଷ ବେପାର ଚାଲିଛି, ଏ ନେଇ ବନବିଭାଗ ଅଧିକ ତଦନ୍ତ ଜାରି ରହିଛି ।

ସୂଚନାଯୋଗ୍ୟ ଭୁବନେଶ୍ୱରର ଏୟାରପୋର୍ଟ ଅଞ୍ଚଳରୁ ସାପ ବିଷ ସ୍ମଗଲରଙ୍କୁ ଧରିଛି ବନ ବିଭାଗ । ବନ ବିଭାଗ ଅତି ସତର୍କତାର ସହିତ ଟ୍ରାକ କରି ଭୁବନେଶ୍ୱର ଏୟାରପୋର୍ଟ ଅଞ୍ଚଳରୁ ଗିରଫ କରିଛି । ସାପ ବିଷ ପାଇଁ ୧୦ ଲକ୍ଷ ଟଙ୍କାର ଡିଲ୍ ଚାଲିଥିବା ବେଳେ ବିଶେଷ ସୁତ୍ର ରୁ ଖବର ପାଇ ପୋଲିସ୍ ସାପ ବିଷ ସ୍ମଗଲରଙ୍କୁ ଗିରଫ କରି ବିପୁଳ ପରିମାଣର ସାପ ବିଷ ବା ସ୍ନେକ୍ ପଏଜନ୍ ଜବତ୍ କରାଯାଇଥିଲା ।

ସର୍ପାଘାତ ଚିକିତ୍ସା ସାପ ବିଷରେ ଔଷଧ ପ୍ରସ୍ତୁତ କରାଯାଏ ବୋଲି ପ୍ରାୟତଃ ସମସ୍ତେ ଜାଣନ୍ତି । ମାତ୍ର ଏହାକୁ ନିଶା ଦ୍ରବ୍ୟ ଭାବେ ବ୍ୟବହାର କରାଯାଉଛି । ଯାହାର କବଳରେ ଲକ୍ଷ ଲକ୍ଷ ଯୁବକ ପଡୁଥିଲାବେଳେ ସେମାନଙ୍କ ଭବିଷ୍ୟତ ଅନ୍ଧକାରକୁ ଚାଲିଯାଉଛି । ବାଉନ୍ ସୁଗାର ତଥା ହେରୋଇନ୍ ବ୍ୟବହାର ପରି ସାପ ବିଷ ଅତି ସାମାନ୍ୟ ଭାବେ ନିଶାରେ ବ୍ୟବହାର କରାଯାଉଛି । ବିଦେଶରେ ଏହି ନିଶାର ଚାହିଦା ବଢୁଥିବାରୁ ଆମ ରାଗ୍ୟ ସହିତ ଦେଶର ସାପଙ୍କ ଉପରେ ଏବେ ଚଡ଼କ ପଡ଼ିଛି ।

ପଦ୍ମତୋଳା ବୋଲି କେଳା ପୁଅ ଦିନେ ଦେଖାଉଥିଲା ସାପ ଖେଳ । ଏଥିରୁ ଯାହା ରୋଜଗାର ହୁଏ ସେଥିରେ ଚଳୁଥିଲା ତା କୁଟୁମ୍ବ । ହେଲେ ବିଭିନ୍ନ ସରକାରୀ କଟକଣା ଯୋଗୁ ଏହି କୁଳ ବେଉସା ଏବେ ଡୁବିଯାଇଛି । ସାପକୁ ନେଇ ସିନା ବେଉସା ବୁଡିଛି । ମାତ୍ର ସାପକୁ ଦ୍ୱରା ଏବେ ଚାଲିଛି କୋଟି କୋଟି ଟଙ୍କାର କାରବାର । ସାପ ବିଷର ବେପାର । ତା ପୁଣି ଆମ ରାଜ୍ୟରେ ହେଉଛି । ଯେଉଁଥି ପାଇଁ ଅନ୍ଧକାରକୁ ଚାଲି ଯାଉଛି ଲକ୍ଷଲକ୍ଷ ଯୁବକଙ୍କ ଜୀବନ ।

‘ଲକ୍ଷ୍ମଣ ନାୟକ ଆଦିବାସୀଙ୍କ ପ୍ରାଣରେ ବ୍ରିଟିଶ ଶାସନ ବିରୁଦ୍ଧରେ ଲଢ଼ିବାର ସାମର୍ଥ୍ୟ ଆଣିଦେଇଥିଲେ’

ଭୁବନେଶ୍ୱର (ଏନ୍.ଏମ୍.): ଆଦିବାସୀ ଜୀବନର ଚିରନ୍ତନ କାହାଣୀ ତଥା ଗତାନୁଗତିକତାର ପ୍ରାଚୀନକୁ ଭାଙ୍ଗି ନୂଆ ଚିନ୍ତା ଓ ଚେତନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବାରେ ସହିଦ ଲକ୍ଷ୍ମଣ ନାୟକଙ୍କ ଭୂମିକା ଅବିସ୍ମରଣୀୟ । ତାଙ୍କର ଅସୀମ ତ୍ୟାଗ ଓ ଦେଶପ୍ରେମ ଆଦିବାସୀଙ୍କ ପ୍ରାଣରେ ବ୍ରିଟିଶ ଶାସନ ବିରୁଦ୍ଧରେ ଲଢ଼ିବାର ସାମର୍ଥ୍ୟ ଆଣିଦେଇଥିଲା ବୋଲି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି । ଭୁବନେଶ୍ୱର ଜୟଦେବ ଭବନ ଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଉଭୟ ମଞ୍ଚ ଓ ଭର୍ଚୁଆଲ ବ୍ୟବସ୍ଥାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସହିଦ ଲକ୍ଷ୍ମଣ ନାଏକ ଶ୍ରାଦ୍ଧଦିବସ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସାରକା କହିଲେ ଯେ, ଗାନ୍ଧୀଜୀଙ୍କର ଅହିଂସାକୁ ପରମ ଅସ୍ତ୍ର ଭାବେ ଗ୍ରହଣ କରି ଲକ୍ଷ୍ମଣ ନାଏକ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଦେଶପ୍ରେମ ଉଦ୍ରେକ କରିବା ସହ ସେମାନଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରାଇ ପାରିଥିଲେ । ଶ୍ରାଦ୍ଧ ଉତ୍ସବରେ ସଭାପତିତ୍ୱ କରି ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ କହିଥିଲେ ଲକ୍ଷ୍ମଣ ନାଏକଙ୍କ ସତ୍ୟପ୍ରୀତି ଓ ସମ୍ବେଦନଶୀଳତା ତଥା ବ୍ରିଟିଶ ଶାସନର ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ସାଫଲ୍ୟ କୁଚିତ ବ୍ୟକ୍ତିଙ୍କ ପାଖରେ ଦୃଷ୍ଟି ଗୋଚର ହୁଏ । ତାଙ୍କର ଅନନ୍ୟ ଦେଶପ୍ରେମ ଆଦିବାସୀଙ୍କ ମଧ୍ୟରେ ଅପୂର୍ବ ଜାଗରଣ ସୃଷ୍ଟି କରିଥିଲା । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦକ ଡକ୍ଟର ଲେନିନ୍ ମହାନ୍ତି ସହିଦ ଲକ୍ଷ୍ମଣ ନାଏକଙ୍କୁ କୋରାପୁଟ

ଗାନ୍ଧୀ ବା ମାଲକାନଗିରି ଗାନ୍ଧୀ ଭାବେ ଚିତ୍ରିତ କରାଯାଉଥିବାବେଳେ ତାଙ୍କର ସ୍ୱଳ୍ପ ଜୀବନକାଳ ମଧ୍ୟରେ ଦେଶାମତୃକା ପାଇଁ ଯାହା କରିଯାଇଛନ୍ତି ତାହା ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ । ସହିଦ ଲକ୍ଷ୍ମଣ ନାଏକଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ପରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରି ସହିଦ ଲକ୍ଷ୍ମଣ ନାଏକଙ୍କ ତ୍ୟାଗ, ଆଦର୍ଶ ଏବଂ ଦେଶପ୍ରୀତି ଚିରଦିନ ପାଇଁ ସମସ୍ତଙ୍କୁ ଅନୁପ୍ରାଣିତ କରିବ ବୋଲି ମନ୍ତବ୍ୟ ରଖିଥିଲେ ।

ଭର୍ଚୁଆଲ୍ ମାଧ୍ୟମରେ ସାଂସଦ ମୁନ୍ନା ଖାନ୍, ସାଂସଦ ସପ୍ତଗିରି ଉଲାକା, ବିଧାୟକ ପ୍ରୀତମ ପାଢ଼ୀ, ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଶ୍ରାଦ୍ଧ ଦିବସରେ ସଂଯୁକ୍ତ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ରଘୁନାଥ ଗମାଙ୍ଗ, ବିଧାୟକ ପ୍ରକାଶ ମାଝୀ ଏବଂ ମକରନ୍ଦ ମୁଦୁଲି ସଭାରେ ଉପସ୍ଥିତ ରହି ସହିଦ ଲକ୍ଷ୍ମଣ ନାଏକଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବା ସହ ଭାରତ ସ୍ୱାଧୀନ କିପରି ହେବ ତାହା ହିଁ ତାଙ୍କର ସ୍ୱପ୍ନ ଏବଂ ସଂକଳ୍ପ ରହିଥିବା ବୋଲି କହିଥିଲେ । ଶ୍ରାଦ୍ଧ ଉତ୍ସବ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଏବଂ କଳିଙ୍ଗ ହସ୍ପିଟାଲ୍ ଛକସ୍ଥିତ ସହିଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ବିଧାୟକ ରଘୁନାଥ ଗମାଙ୍ଗ, ପ୍ରକାଶ ମାଝୀ, ମକରନ୍ଦ ମୁଦୁଲି ଏବଂ ବିଭାଗୀୟ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ରାଜ୍ୟସ୍ତରୀୟ ଶ୍ରାଦ୍ଧ ଉତ୍ସବ କାର୍ଯ୍ୟକ୍ରମକୁ ସୂଚନା ଅଧିକାରୀ ଫ୍ରିଲା ମାଝୀ ସଂଯୋଜନା କରିଥିବାବେଳେ ଶବରୀ ସାଂସ୍କୃତିକ ସଂସଦର ଯୁଗ୍ମ ସଂପାଦକ ନୀଳମାଧବ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

ପିପିଲି ଉପନିର୍ବାଚନ...

ଏଥି ସହିତ ପ୍ରମୁଖ ଦଳର ନେତାମାନେ ପ୍ରତିଦ୍ୱନ୍ଦୀମାନଙ୍କ ବିରୋଧରେ ବିଭିନ୍ନ ଭାଷଣ ବାଜି କରିବା ସହ ନିର୍ବାଚନୀ ଅଙ୍କ କଷୁଥିବା ମଧ୍ୟ ଦେଖିବାକୁ ମିଳିଛି ।

ତେବେ ଜନସାଧାରଣଙ୍କ ହୃଦୟକୁ କିଣି ନିର୍ବାଚନୀ ବୈତରଣୀ ପାର ହେବା ପାଇଁ ସମସ୍ତ ପ୍ରତିଦ୍ୱନ୍ଦୀ ଏବେ ଆଗଭର ହୋଇ ପଡ଼ିଛନ୍ତି । ଆସନ୍ତା ଏପ୍ରିଲ ୧୭ ତାରିଖରେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କ ଭାଗ୍ୟକୁ ଜନତା ଜନାର୍ଦ୍ଦନ ନିର୍ଦ୍ଧାରଣ କରିବେ ।

ସାରଳା ଦାସଙ୍କ ମହାଭାରତ...

ମଣିଷର ଚକ୍ଷୁ ଭାରତର ବହୁ ବିଦ୍ୱାନ ହିଁ ନିଜର ପ୍ରାଥମିକ ଶିକ୍ଷା ନିଜ ମାତୃଭାଷାରେ ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସେ ଗାନ୍ଧିଜୀ, ରବିନ୍ଦ୍ର ନାଥ ଠାକୁର, ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କ ନାମ ନେବା ସହ ନିଜେ ମଧ୍ୟ ମାତୃଭାଷାରେ ପ୍ରାଥମିକ ଶିକ୍ଷାଲାଭ କରିଛନ୍ତି ବୋଲି କହିଥିଲେ । ଏହାଛଡ଼ା ବିଗର ବିଭାଗରେ ମାମଲା ପରିଚାଳନା କ୍ଷେତ୍ରରେ ମାତୃଭାଷା ବ୍ୟବହାର ଉପରେ ଶ୍ରୀ ନାଇଡୁ ଗୁରୁତ୍ୱ ଦେଇଥିଲେ । ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ସାରଳା ସାହିତ୍ୟ ସଂସଦର ପକ୍ଷରୁ ସମ୍ମାନଜନକ ‘କଳିଙ୍ଗ ରତ୍ନ’ ସମ୍ମାନ ପ୍ରଦାନ କରି ଉପରାଷ୍ଟ୍ରପତି ପ୍ରଦାନ କରିଥିଲେ । ପୁରସ୍କାରର ପ୍ରତି ଉତ୍ତରରେ ସମ୍ମାନୀୟ ଅତିଥି ଆନ୍ଧ୍ର ପ୍ରଦେଶର ରାଜ୍ୟପାଳ ଖୁସି ବ୍ୟକ୍ତ କରି ସାରଳା ସାହିତ୍ୟ ତଥା ମହାଭାରତ ଉପରେ ଆଲୋକ ପାତ କରିଥିଲେ । ସାରଳା ସାହିତ୍ୟ ସଂସଦର ସଭାପତି ଙ୍କ ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସରେ ଅତିଥିଭାବେ ଯୋଗଦେଇ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସାରଳା ସହିତ୍ୟରେ ଥିବା ଲଳିତ୍ୟ ଓ ମଧୁରତା ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ ଯେ ସାରଳା ସାହିତ୍ୟ ୬୦୦ବର୍ଷତଳେ ରଚିତ ହୋଇଥିଲେ ବି ଆଜି ତାର ପ୍ରାସଙ୍ଗିକତା ରହିଛି । ସଂସଦର ମୁଖ୍ୟପୃଷପୋଷକ ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଉତ୍ସବରେ ମନ୍ତ୍ରୀ ପ୍ରତାପ ଜେନା,ସାଂସଦ ଭର୍ତ୍ତୃହରି ମହାତାବ,ସାଂସଦ ରଘୁନାଥ ମହାପାତ୍ର, ସାଂସଦ ସୁବାସ ସିଂହ ,ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ଜଷ୍ଟିସ ଡ. ମଦନ ମୋହନ ଦାସ , ଜଷ୍ଟିସ ବୀରକିଶୋର ମିଶ୍ର , ଜଷ୍ଟିସ ଅରୁଣ କୁମାର ପରିଚ୍ଛା, ଜଷ୍ଟିସ ଡ.ଦୁର୍ଗା ପ୍ରସାଦ ଚୌଧୁରୀ,ଡା. ଜୟନ୍ତ ପଣ୍ଡା,ଡ.ଅର୍ଚ୍ଚନା ନାୟକ,ତୃପ୍ତି ଦାସ, ଡ. ବିଜୟାନନ୍ଦ ସିଂହ, ପୂର୍ବତନ ସାଂସଦ ଡ.ରାମଚନ୍ଦ୍ର ଖୁଣ୍ଟିଆ,କବି ରମାକାନ୍ତ ରଥ,ପଦ୍ମଶ୍ରୀ ପ୍ରତିଭା ରାୟ,ମନୋରମା ମହାପାତ୍ର ଓ ବିପିନ ବିହାରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଗାନ୍ଧୀ ଓ ଗୋପବନ୍ଧୁଙ୍କ ଆଦର୍ଶ ଯୁବ ...

ପ୍ରସ୍ଫୁଟିତ ହୋଇଛି । ବିଶେଷକରି ୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖ ଅପରାହ୍ଣରେ କାଠଯୋଡ଼ି ବାଲିରେ ଅନୁଷ୍ଠିତ ଐତିହାସିକ ସଭାର ଦୃଶ୍ୟ ରହିଛି । ଯେଉଁଥିରେ ବାପୁ ଏକ ଚଉକିରେ ବସିଛନ୍ତି । ତାଙ୍କ ପଛରେ ପତ୍ନୀ କସ୍ତୁରବା ଗାନ୍ଧୀ ଦଣ୍ଡାୟମାନ ହୋଇଥିଲା ବେଳେ ଗାନ୍ଧିଜୀଙ୍କ ପାଦ ଦେଶରେ ହାତଯୋଡ଼ି ବସିଛନ୍ତି ଉତ୍କଳମଣି ଗୋପବନ୍ଧୁ । ଏଥି ସହିତ ସମ୍ମୁଖରେ କିଛି ଲୋକ ଗାନ୍ଧିଜୀଙ୍କ ଭାଷଣ ଶୁଣୁଥିବା ମୁଦ୍ରାରେ ଛିଡ଼ା ହୋଇଛନ୍ତି । ଏହି ବ୍ରୋଞ୍ଜରେ ନିର୍ମିତ ସ୍ଥାପତ୍ୟକଳା (ହାଇ ରିଲିଫ୍ ମ୍ୟୁରାଲ୍)ବେଶ୍ ଜୀବନ୍ତ ହୋଇପାରିଛି । ମୁଖ୍ୟମନ୍ତ୍ରୀ ଏହାକୁ ରିମୋଟ୍ ବଟମ୍ ଟିପି ଅନାବରଣ କରି ସେହି ସ୍ଥାନରେ ବିଭିନ୍ନ କଳାକୃତିକୁ ପରିଦର୍ଶନ କରିଥିଲେ । ମହାତ୍ମାଗାନ୍ଧୀଙ୍କ ଓଡ଼ିଶା ଆଗମନର ଏକଶତ ବର୍ଷ ପାଳନ ଉତ୍ସବ ଗତ ମାର୍ଚ୍ଚ ୨୩ ତାରିଖରୁ ସାରା ରାଜ୍ୟରେ ଆରମ୍ଭ ହୋଇଛି । ଆଜି ଅନାବରଣ କରାଯାଇଥିବା ଗାନ୍ଧୀ ସ୍ମାରକୀ ସ୍ଥାପତ୍ୟକଳା ସେହି ଦିବସକୁ ମନେ ପକାଇଦେବାରେ ବେଶ୍ ସହାୟକ ହୋଇପାରିଛି । ଏହି ଉତ୍ସବରେ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଆଇନ ମନ୍ତ୍ରୀ ପ୍ରତାପ ଜେନା, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ସାଂସଦ ଭର୍ତ୍ତୃହରି ମହତାବ, ସାଂସଦ ସୁବାସ ସିଂହ, ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, କଟକସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରା, ଚୌଦ୍ୱାର -କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ନିଆଳି ବିଧାୟକ ଡାକ୍ତର ପ୍ରମୋଦ ମଲ୍ଲିକ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ,ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ , ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ, ଭାସ୍କର୍ଯ୍ୟ ଶିଳ୍ପୀ ଲକ୍ଷ୍ମୀଧର ରଣା ଓ ଶ୍ରୀକାନ୍ତ ରଣା ପ୍ରମୁଖ ଉପସ୍ଥିତ ଥିଲେ । ଏହାପୂର୍ବରୁ ବାରବାଟୀ ଷ୍ଟାଡ଼ିୟମ ନିକଟସ୍ଥ ଗୋପବନ୍ଧୁ ଛକଠାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଆନ୍ଦୋଳନର ଅନ୍ୟତମ ସାରଥି,ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ କବି ତଥା ମାନବିକତାର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ‘ଷ୍ଟାଚ୍ୟୁ ଅଫ୍ ହ୍ୟୁମାନିଟି’ (ମାନବିକତାର ପ୍ରତିମୂର୍ତ୍ତି)କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭ ଉନ୍ମୋଚନ କରିଛନ୍ତି । ସୂଚନାଯୋଗ୍ୟ ଓଡ଼ିଶାରେ ମାନବତାର କଥା ଆସିଲେ ପ୍ରଥମେ ଗୋପବନ୍ଧୁ ହିଁ ମନେପଡନ୍ତି । ଦୀନ, ଦରିଦ୍ର, ଦୁଃଖୀ ଲୋକଙ୍କୁ ସହାୟତା କରିବାର ମହତ କାର୍ଯ୍ୟରେ ଗୋପବନ୍ଧୁ ହିଁ ସବୁବେଳେ ପ୍ରେରଣାର ଉତ୍ସହୋଇ ରହିଆସିଛନ୍ତି । ସେ ଥିଲେ ମାନବତାର ମହାନ ଉଦ୍‌ଗାତା । ସେଥିପାଇଁ ଏହି ପ୍ରତିମୂର୍ତ୍ତିକୁ ମାନବିକତାର ପ୍ରତିମୂର୍ତ୍ତି ବା ଷ୍ଟାଚ୍ୟୁ ଅଫ ହ୍ୟୁମାନିଟି ନାମରେ ନାମିତ କରାଯାଇଛି । ଗୋପବନ୍ଧୁଙ୍କର ଏହି ପ୍ରତିମୂର୍ତ୍ତି ମାନବତାର ପ୍ରତୀକ ଭାବେ ଯୁଗ ଯୁଗ ଧରି ଜନମାନସକୁ ଦରିଦ୍ର ନାରାୟଣ ସେବା ପାଇଁ ପ୍ରେରିତ କରିବ ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ । ଏହି ପ୍ରତିମୂର୍ତ୍ତି ଅନାବରଣ ଉତ୍ସବରେ କଟକ ଲୋକସଭା ସାଂସଦ ଶ୍ରୀ ମହତାବ,ବାରବାଟୀ-କଟକ ବିଧାୟକ ଜଂ.ମୋକିମ୍, ବିଧାୟକ ଶ୍ରୀ ମିଶ୍ର,ଲୋକସେବକ ମଣ୍ଡଳ ସଭାପତି ରାଜକୁମାର,ଲୋକସେବକ ମଣ୍ଡଳ ଉପସଭାପତି ତଥା ‘ସମାଜ’ର ମୁଦ୍ରାକର ଓ ପ୍ରକାଶକ ନିରଞ୍ଜନ ରଥ, ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ.ପ୍ରଭାସ ଆଚାର୍ଯ୍ୟ,‘ସମାଜ’ର କାର୍ଯ୍ୟକାରୀ ସମ୍ପାଦକ ସୁଶାନ୍ତ ମହାନ୍ତି , କାର୍ଯ୍ୟକାରୀ ମୁଖ୍ୟ ପରିଚାଳକ ପ୍ରିୟବ୍ରତ ମହାନ୍ତି, ପ୍ରତିମୂର୍ତ୍ତିର ସ୍ଥପତି ରବି ରଥ ପ୍ରମୁଖ ଉପସ୍ଥିତ ଥିଲେ । ଆଜି ପୂର୍ବାହ୍ଣରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ହେଲିକପ୍ଟର ଯୋଗେ ଭୁବନେଶ୍ୱରରୁ ଆସି କଟକ ଉପର ବାଲିଯାତ୍ର ପଡ଼ିଆରେ ଓହ୍ଲାଇ ଥିଲେ । ସେଠାରୁ କାର୍‌ରେ ଆସି କାଣ୍ଟନ୍‌ମେଣ୍ଟ ଗୋପବନ୍ଧୁ ଛକରେ ଷ୍ଟାଚ୍ୟୁ ଅଫ ହ୍ୟୁମାନିଟ୍ ଉନ୍ମୋଚନ କରିବା ପରେ ବେଲ୍‌ଭିଉଠାରେ ଗାନ୍ଧୀ ସ୍ମାରକୀ ସ୍ଥାପତ୍ୟକୁ ଅନାବରଣ କରିଥିଲେ ।

ସାଇବର ସେଲ୍‌କୁ ତିନି ମାସ : ୪୮ ମାମଲା,୩ କୋଟି ୪୫ଲକ୍ଷ ଠକେଇ

ଭୁବନେଶ୍ୱର (ଏନ୍.ଏମ୍.) : ରାଜଧାନୀରେ ବଢୁଥିବା ସାଇବର ଅପରାଧର ଅନୁସନ୍ଧାନ ପାଇଁ କମିସନରେଟ୍ ପୁଲିସ ଖୋଲିଥିବା ସାଇବର ଅପରାଧ ସେଲ୍‌କୁ ତିନି ମାସ ପୂରିଛି । ଏହି ତିନି ମାସ ମଧ୍ୟରେ ୪୮ ମାମଲା ରୁଜୁ ହୋଇଥିବା ବେଳେ ସାଇବର ଠକମାନେ ୩ କୋଟି ୪୫ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି । ତେବେ ଅଭିଯୋଗ ପରେ ସାଇବର ସେଲ୍ ୬ ଲକ୍ଷ ୩୮ ହଜାର ଜମାରକାରୀଙ୍କ ଆକାଉଣ୍ଟକୁ ଫେରାଇ ଆଣିବାକୁ ସକ୍ଷମ ହୋଇଛି ।

ସୂଚନା ଅନୁଯାୟୀ ଗତ ଫେବୁଆରି ମାସରେ ସାଇବର ଠକ ଭୁବନେଶ୍ୱରରୁ ୫୧ ଲକ୍ଷ ୩୯ ହଜାର ୯୮୯ ଟଙ୍କା ଲୁଟି ନେଇଥିବା ଗତ ମାର୍ଚ୍ଚ ମାସରେ ଏହି ଠକେଇର ପରିମାଣ ରହିଛି ୮୪ ଲକ୍ଷ ୭୮ ହଜାର ୩୯୪ଟଙ୍କା । ଏଥିପାଇଁ ୧୬ଟି ମାମଲା ରୁଜୁ ହେବା ସହ ଅନୁଦ୍ଧାନ ଜାରି ରଖିଛି ସାଇବର ସେଲ୍ । ଭୁବନେଶ୍ୱରରେ ସାଇବର ଅପରାଧ ଯେ ବଢୁଛି ତାହା ଏଇ ପରିସଂଖ୍ୟାନ ପ୍ରମାଣିତ କରୁଛି । ଯେତେ ସଚେତନ କଲେ ମଧ୍ୟ ଲୋକେ ସୁଧୁରୁ ନାହାନ୍ତି । ଏଣେ ଆଖିଦୃଶିଆ ସଫଳତା ମିଳିପାରୁ ନ ଥିବାରୁ ଏହା ଠକଙ୍କୁ ସୁହାଉଛି । ଏଣୁ ସାଇବର ଠକେଇ କମିବାର ନା ଧରୁ ନାହିଁ । କେବଳ ଭୁବନେଶ୍ୱରରୁ ଜାନୁଆରି ମାସରେ ୩୬୫ କଲ୍ ଆସିଥିବା ବେଳେ ଫେବୁଆରିରେ ୪୬୨ ଓ ଗତମାସରେ ୩୧୦ଟି କଲ୍ ଆସିଛି । ଏହି କଲ୍ ଭିତରୁ ଜାନୁଆରିରେ ୧୯ ମାମଲା ହୋଇଥିବା ବେଳେ ଫେବୁଆରିରେ ଏହା କମି ୧୩ରେ ପହଞ୍ଚିଥିଲା । କିନ୍ତୁ ମାର୍ଚ୍ଚରେ ମାମଲା ସଂଖ୍ୟା ୧୬ରେ ପହଞ୍ଚିଛି । ତୁଳନାତ୍ମକ ଭାବରେ ଦେଖିବାକୁ ଗଲେ ଅଭିଯୋଗ ସଂଖ୍ୟା ବଢୁଛି । ସେହିଭଳି ଜାନୁଆରି ମାସରେ କୋଟିଏ ୪୦ ଲକ୍ଷ ଠକେଇ ହୋଇଥିବା ବେଳେ ଫେବୁଆରିରେ କୋଟିଏ ୨୧ ଲକ୍ଷ ଓ ମାର୍ଚ୍ଚ ମାସରେ ୮୪ରୁ ୮୫ ଲକ୍ଷ ଲକ୍ଷ ଠକେଇ ହୋଇଛି । ଅର୍ଥାତ୍ ଠକେଇ ପରିମାଣ କମିଛି । ଅନ୍ୟପଟେ ଠକେଇ ଅର୍ଥ ଉଦ୍ଧାର ହେଉଛି; ହେଲେ ଆଖିଦୃଶିଆ ହେଉ ନାହିଁ । ଜାନୁଆରି ମାସରେ ମୋଟ ଠକେଇ ହୋଇଥିବା ଅର୍ଥରୁ ୭ ଲକ୍ଷ ଟଙ୍କା ଅଭିଯୋଗକାରୀଙ୍କ ଆକାଉ

କରଜ କରି ନିଜ ଖେଳାଳିଙ୍କୁ ଦରମା ଦେଇଥିଲା ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ

ନୂଆଦିଲ୍ଲୀ (ଏଜେନ୍ସି): କୋଭିଡ୍ -୧୯ ମହାମାରୀ ଯୋଗୁଁ ୱେଷ୍ଟଇଣ୍ଡିଜ୍ କ୍ରିକେଟ୍ ବୋର୍ଡର ଆର୍ଥିକ ଅବସ୍ଥା ଦୋହଲି ଯାଇଥିଲା । ଆଉ ସ୍ଥିତି ଏଭଳି ଥିଲା ଯେ ଖେଳାଳିଙ୍କୁ ଦରମା ଦେବା ପାଇଁ ବୋର୍ଡକୁ ଋଣ କରିବାକୁ ପଡିଥିଲା । କ୍ରିକେଟ୍ ୱେଷ୍ଟଇଣ୍ଡିଜ୍ ଅଧ୍ୟକ୍ଷ ରିକି ସ୍କେରିଟ୍ କହିଛନ୍ତି ଯେ କୋଭିଡ ଯୋଗୁଁ ସ୍ଥିତି ଏତେ ଖରାପ ହୋଇଯାଇଥିଲା ଯେ ଖେଳାଳିଙ୍କୁ ଦରମା ଦେବା ପାଇଁ ଋଣ କରିବାକୁ ପଡିଥିଲା । ତେବେ ସେ ଦାବି କରିଛନ୍ତି ଯେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ବୋର୍ଡର ଋଣ ହାର ଏକ ତୃତୀୟାଂଶକୁ ହ୍ରାସ ପାଇଛି । ରିକି ସ୍କେରିଟ୍ ୨୦୧୯ ରେ ୱେଷ୍ଟଇଣ୍ଡିଜ୍ କ୍ରିକେଟ୍ ବୋର୍ଡର ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କର ଦୁଇ ବର୍ଷର କାର୍ଯ୍ୟକାଳ ସମାପ୍ତ ହୋଇଛି ଏବଂ ସେ ବର୍ତ୍ତମାନ ପୁନର୍ବାର ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି ।

ସ୍କେରିଟ୍ ଏକ ସାକ୍ଷାତକାରରରେ କହିଛନ୍ତି ଯେ ଆମର ସବୁଠାରୁ ବଡ ସମସ୍ୟା ଥିଲା ଯେ ଆମେ ଟଙ୍କା ପାଇବା ପୂର୍ବରୁ ଭବିଷ୍ୟତର ଖର୍ଚ୍ଚ ବିଷୟରେ ଆଲୋଚନା କରିଥିଲୁ । ଆମର ପ୍ରାୟ ୨କୋଟି ଡଲାରର ଋଣ ଥିଲା ଏବଂ ଏହାକୁ ପରିଶୋଧ କରିବାକୁ ଆମକୁ ବାରମ୍ବାର ଋଣ କରିବାକୁ ପଡୁଥିଲା । ୱେଷ୍ଟଇଣ୍ଡିଜ୍ କ୍ରିକେଟ୍ ବୋର୍ଡର ଚେୟାରମ୍ୟାନ୍ ଆହୁରି କହିଛନ୍ତି ଯେ, କୋଭିଡ ଯୋଗୁଁ କର୍ମଚାରୀଙ୍କ ଦରମା ଦେବାକୁ ବୋର୍ଡ ପାଖରେ ଟଙ୍କା ନଥିଲା । ମହାମାରୀ ସମୟରେ ସମସ୍ତ କର୍ମଚାରୀ ଅଧା ବେତନରେ କାମ କରୁଥିଲେ । ସୂଚନା ଥାଉ କି ଗତ ବର୍ଷ କରୋନା କାରଣରୁ ମାର୍ଚ୍ଚରୁ ଅନ୍ତର୍ଜାତୀୟ କ୍ରିକେଟ୍ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା । ସମ୍ପ୍ରତି ୱେଷ୍ଟଇଣ୍ଡିଜ ଦଳ ଶ୍ରୀଲଙ୍କା ସହିତ ଘରୋଇ ସିରିଜ୍ ଖେଳୁଛି । ଗତ ବର୍ଷ କରୋନା ମହାମାରୀ ହେବା ପରଠାରୁ ୱେଷ୍ଟଇଣ୍ଡିଜ୍ ଏହାର ପ୍ରଥମ ଘରୋଇ ସିରିଜ୍ ଖେଳୁଛି ।

ଆଇପିଏଲ୍ ମ୍ୟାଚ୍ ପୂର୍ବରୁ କରୋନା ଆତଙ୍କ !

ନୂଆଦିଲ୍ଲୀ (ଏଜେନ୍ସି): ଆଉ କିଛି ଦିନ ପରେ ଆରମ୍ଭ ହେବ ଆଇପିଏଲ୍-୧୪ । ଏନେଇ ସମସ୍ତେ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି । ସେପଟେ ଆଇପିଏଲ୍-୧୪ ମ୍ୟାଚକୁ ନେଇ ପ୍ରସ୍ତୁତି ମଧ୍ୟ ଜୋରସୋରରେ ଚାଲିଛି । ଚଳିତ ବର୍ଷ ଏହି ଟି-୨୦ ଲିଗ୍ ଭାରତର ୬ଟି ସହରରେ ଖେଳାଯିବ । ତେବେ ମ୍ୟାଚ୍ ପୂର୍ବରୁ ମହାମାରୀ କରୋନା ଆତଙ୍କ ଦେଖାଦେଇଛି । ମୁମ୍ବାଇ ୱାଙ୍ଖଡେ ଷ୍ଟାଡିୟମର ୮ଜଣ ଗ୍ରାଉଣ୍ଡ ଷ୍ଟାଫ୍ କରୋନାରେ ସଂକ୍ରମିତ ହୋଇଛନ୍ତି । ରିପୋର୍ଟ ମୁତାବକ ଗତ ସପ୍ତାହରେ ୱାଙ୍ଖଡେ ଷ୍ଟାଡିୟମର ୧୯ ଜଣ ଗ୍ରାଉଣ୍ଡ ଷ୍ଟାଫଙ୍କ କରୋନା ଟେଷ୍ଟ ହୋଇଥିଲା । ଏଥିରୁ ଗତ ୨୬ ମାର୍ଚ୍ଚ ଦିନ ୩ ଜଣଙ୍କ ରିପୋର୍ଟ ପଜିଟିଭ ଆସିଥିଲା । ଏହାପରେ ଏପ୍ରିଲ ୧ ତାରିଖ ଆଉ ୫ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ନେଇ ସୂଚନା ମିଳିଥିଲା । ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ଚଳିତ ଆଇପିଏଲ ସିଜନ ୧୪ର ପ୍ରଥମ ମ୍ୟାଚ୍ ଏପ୍ରିଲ ୧୦ତାରିଖରେ ଖେଳାଯିବ । ଚେନ୍ନାଇ ସୁପରକିଙ୍ଗସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ହେବ ମହାମୁକାବିଲା । ତେବେ ଏହା ପୂର୍ବରୁ ଷ୍ଟାଡିୟମର ଗ୍ରାଉଣ୍ଡ ଷ୍ଟାଫ କରୋନାରେ ଆକ୍ରାନ୍ତ ହେବା ଖବର ସାମ୍ନାକୁ ଆସିବା ପରେ ବିସିସିଆଇର ଚିନ୍ତା ବଢ଼ିଛି । ଉକ୍ତ ଷ୍ଟାଡିୟମର ସମସ୍ତ ପ୍ରବେଶ ଦ୍ୱାରକୁ ସିଲ୍ କରି ମ୍ୟାଚ୍ ଖେଳାଯିବାକୁ ନେଇ ଯୋଜନା ଚାଲିଛି । ସେପଟେ ମୁମ୍ବାଇରେ ବଢୁଥିବା କରୋନା ମାମଲାକୁ ଦୃଷ୍ଟିରେ ରଖି ମୁମ୍ବାଇ କ୍ରିକେଟ ଆସୋସିଏସନ୍ ଆଇପିଏଲକୁ ନେଇ ବ୍ୟାପକ ପ୍ରସ୍ତୁତି କରିଛି । ଏମସିଏ କମରୁ ଅତି କମ୍ ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କୁ ଷ୍ଟାଡିୟମରେ ରଖିବା ପାଇଁ ଯୋଜନା କରିଛି । ସୂଚନା ମୁତାବକ ଆସନ୍ତା ଏପ୍ରିଲ ୯ ତାରିଖରେ କ୍ରିକେଟର ଲଢ଼େଇ ଆରମ୍ଭ ହେବ । ଆଇପିଏଲ-୧୪ର ପ୍ରଥମ ମ୍ୟାଚ୍ ଚେନ୍ନାଇରେ ଖେଳାଯିବ । ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମୁହାଁମୁହିଁ ହେବେ ।

ପୂଜଚ୍ରଶ୍ରୀଙ୍କ ଅପୁପମା ଚାହାଣି ଦର୍ଶକଙ୍କୁ କରୁଛି ଘାଇଲା

ଆଇପିଏଲ୍ ପରେ କ୍ରିକେଟକୁ ଅଲବିଦା କହିବେ ଷ୍ଟାର୍ କ୍ରିକେଟ

ନୂଆଦିଲ୍ଲୀ (ଏଜେନ୍ସି): ଆଇପିଏଲର ୧୪ଶ ସଂସ୍କରଣର ଶୁଭାରମ୍ଭ ଏପ୍ରିଲ୍ ୯ ତାରିଖରୁ ଆରମ୍ଭ ହେବ । ଉଦଘାଟନୀ ମ୍ୟାଚ୍ ଡିଫେଣ୍ଡିଂ ଚାମ୍ପିୟନ୍ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଖେଳାଯିବ । ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମେ' ୩୦ ତାରିଖରେ ଖେଳାଯିବ । ଚଳିତ ବର୍ଷ ମଧ୍ୟ ଆଇପିଏଲରେ ଅନେକ ନୂଆ ମୁହଁଙ୍କୁ ସାମିଲ୍ କରାଯାଇଛି । ଏହାସହ ଚଳିତ ସିଜନ୍ କିଛି ପୁରୁଣା ଖେଳାଳିଙ୍କ ପାଇଁ ଶେଷ ସୁଯୋଗ ହୋଇପାରେ । ଆସନ୍ତୁ ଜାଣିବା, କେଉଁ କ୍ରିକେଟର ଚଳିନ୍ ସିଜନ୍ ପରେ ଅବସର ନେଇପାରନ୍ତି ।

ମହେନ୍ଦ୍ର ସିଂ ଧୋନି: ୩୯ ବର୍ଷୀୟ ଧୋନି ଚଳିତ ସଂସ୍କରଣ ଖେଳିବାକୁ ଯାଉଛନ୍ତି । ସେ ଏକମାତ୍ର ଖେଳାଳି, ଯିଏ ପ୍ରତି ସିଜନରେ ନିଜର ଟିମର ନେତୃତ୍ୱ ନେଇଛନ୍ତି । ଆଇପିଏଲର ପ୍ରଥମ ସଂସ୍କରଣରୁ ସେ ଚେନ୍ନାଇ ସୁପର୍ କିଙ୍ଗସ୍ ସହ ଯୋଡ଼ି ହୋଇ ରହିଛନ୍ତି । ଗତ ବର୍ଷ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ନେଇଥିବା ଧୋନିଙ୍କ ପାଇଁ ଆଇପିଏଲ୍-୨୦୨୧ ଶେଷ ହୋଇପାରେ । ଅର୍ଥାତ୍ ଆସନ୍ତାବର୍ଷଠାରୁ ଧୋନିଙ୍କୁ ଆଉ ଆଇପିଏଲରେ ଦେଖିବାକୁ ମିଳିନପାରେ । ଧୋନି ନିଜ ଟିମକୁ ଚତୁର୍ଥଥର ଚାମ୍ପିୟନ୍ କରାଇ ବିଦାୟ ନେବାକୁ ଚାହିଁବେ । ଧୋନି ୨୦୪ ମ୍ୟାଚରେ ୪୧ ହାରରେ ୪୬୩୨ ରନ୍ କରିଛନ୍ତି । ତାଙ୍କର ଷ୍ଟ୍ରାଇକରେଟ୍ ୧୩୬.୮ ରହିଛି । ତାଙ୍କ ନାଁରେ ୨୩ ଅର୍ଦ୍ଧଶତକ ରହିଛି । ୱିକେଟକିପର ଭାବେ ଧୋନି ୧୧୩ କ୍ୟାଚ୍, ୩୯ ଷ୍ଟମ୍ପିଂ ଓ ୨୧ ରନ୍ ଆଉଟ୍ କରିଛନ୍ତି ।

କ୍ରିସ୍ ଗେଲ୍: ୪୧ ବର୍ଷୀୟ କ୍ରିସ୍ ଗେଲଙ୍କ ପାଇଁ ଚଳିତ ଆଇପିଏଲ୍ ଶେଷ ସଂସ୍କରଣ ହୋଇପାରେ । ସେ କିଙ୍ଗସ୍ ଇଲେଭେନ୍ ପଞ୍ଜାବ ପକ୍ଷରୁ ଖେଳିବେ । ଗେଲ୍ ନିଜର ଶେଷ ୭ ଆଇପିଏଲ୍ ଇନିଂସରେ ୧୩୭୬ ଷ୍ଟ୍ରାଇକରେଟରେ ୨୮୮ ରନ୍ କରିଛନ୍ତି, ଯେଉଁଥିରେ ତିନି ଅର୍ଦ୍ଧଶତକ ସାମିଲ୍ ଥିଲା । ତାଙ୍କର ସର୍ବୋଚ୍ଚ ସ୍କୋର ୯୯ ଥିଲା । ଏହି ୭ଟି ମ୍ୟାଚରେ ଗେଲ୍ ୨୩ଟି ଛକା ମଧ୍ୟ ମାରିଥିଲେ । ଗେଲ୍ ଏପର୍ଯ୍ୟନ୍ତ ୧୩୨ ମ୍ୟାଚ୍ ଖେଳି ୪୧.୧୪ ହାରରେ ୪୭୭୨ ରନ୍ କରିଛନ୍ତି । ସେ ୧୫୦.୧୧ ଷ୍ଟ୍ରାଇକରେଟରେ ୬ ଶତକ ଓ ୩୧ ଅର୍ଦ୍ଧଶତକ ମାରିଛନ୍ତି ।

ଇମ୍ରାନ୍ ତାହିର: ଆଇପିଏଲ୍-୨୦୨୧ରେ ସବୁଠାରୁ ବୟୋଜ୍ୟେଷ୍ଠ ଖେଳାଳି ୪୨ ବର୍ଷୀୟ ଇମ୍ରାନ୍ ତାହିର୍ ଚଳିତ ଚେନ୍ନାଇ ସୁପର୍ କିଙ୍ଗସ୍ ପକ୍ଷରୁ ଖେଳିବେ । ତାହିର୍ ୫୮ ଆଇପିଏଲ୍ ମ୍ୟାଚ୍ ଖେଳି ୨୧.୦୯ ହାରରେ ୫୮ ୱିକେଟ୍ ନେଇଛନ୍ତି । ତାଙ୍କର ଇକୋନମୀ ରେଟ୍ ୭.୮୩ ରହିଥିଲା । ୨୦୧୯ରେ ସେ ୨୬ ୱିକେଟ୍ ନେଇ ପର୍ପଲ୍ କ୍ୟାପ୍ ଜିତିଥିଲେ । ସେ ୨୦୧୮ରୁ ଚେନ୍ନାଇ ଟିମ୍ ସହ ରହିଛନ୍ତି ।

ହରଭଜନ ସିଂହ: ଅଭିଜ୍ଞ ସ୍ପିନର ହରଭଜନ ସିଂହ ୪୦ ବର୍ଷର ହୋଇସାରିଲେଣି । ସେ ୪ଥର ଆଇପିଏଲ୍ ଟ୍ରଫି ଜିତିସାରିଛନ୍ତି । ତିନିଥର ମୁମ୍ବାଇ ଇଣ୍ଡିଆନ୍ସ (୨୦୧୩, ୨୦୧୫, ୨୦୧୭) ଏବଂ ଥରେ ଚେନ୍ନାଇ ସୁପର୍ କିଙ୍ଗସ୍ (୨୦୧୮) ସହ ଜିତିଛନ୍ତି । ଆଇପିଏଲରେ ସେ ପଞ୍ଚମ ବୋଲର ଭାବେ ସର୍ବାଧିକ ୱିକେଟ୍ ନେଇଛନ୍ତି । ସେ ୧୬୦ ମ୍ୟାଚ୍ ଖେଳି ୭.୦୫ ଇକୋନମୀରେ ୧୫୦ ୱିକେଟ୍ ନେଇଛନ୍ତି । ଗତବର୍ଷ ହରଭଜନ ନିଜ ନାଁ ପ୍ରତ୍ୟାହାର କରିନେଇଥିଲେ ଏବଂ ଚଳିତ ବର୍ଷ ଚେନ୍ନାଇ ସୁପର୍ କିଙ୍ଗସ୍ ତାଙ୍କୁ ରିଲିଜ୍ କରିଥିଲା । ନିଲାମରେ ତାଙ୍କୁ କୋଲକାତା ନାଇଟ୍ ରାଇଡର୍ସ ୨ କୋଟି ଟଙ୍କାର ବେସ୍ ପ୍ରାଇସରେ କିଣିଛି । ହରଭଜନ ପଞ୍ଚମଥର ନିଜ ଟିମକୁ ଚାମ୍ପିଅନ୍ କରାଇ ବିଦାୟ ନେବାକୁ ଚାହିଁବେ ।

ସର୍ବଭାରତୀୟ ଟେନିସ୍ : ସୋହିନୀଙ୍କୁ ଦ୍ୱିମୁକୁଟ, ଅର୍ଣ୍ଣାଙ୍କୁ ପ୍ରଥମ ଟ୍ରଫି

ଭୁବନେଶ୍ୱର (ଏନ୍.ଏମ୍.): ଓଡ଼ିଶା ଟେନିସ୍ ପାଇଁ ଶୁକ୍ରବାର ଏକାଧିକ ଖୁସି ଖବର ମିଳିଛି । ସର୍ବଭାରତୀୟ ଟେନିସ୍ ସଂଘ (ଆଇଟା)ର ଦୁଇଟି ପ୍ରତିଯୋଗିତାରେ ଓଡ଼ିଆ ଝିଅମାନେ ଚମକ ଛାଡ଼ିଛନ୍ତି । ବିହାରର ପାଟଣାରେ ଅନୁଷ୍ଠିତ ଆଇଟା ଟ୍ୟାଲେଣ୍ଟ ସିରିଜ୍ (ଟିଏସ୍)ରେ ଅର୍ଣ୍ଣା ରାଜ ୧୬ ବର୍ଷରୁ କମ୍ ବାଳିକା ଯୁଗଳ ଟ୍ରଫି ଜିତିଥିବା ବେଳେ ଏକକ ବର୍ଗରେ ଉପବିଜୟିନୀ ହୋଇଛନ୍ତି । ଆରାଧ୍ୟା ବର୍ମାଙ୍କୁ ସାଥୀ କରି ଖେଳିଥିବା ଅର୍ଣ୍ଣା ବାଳିକା ଯୁଗଳ ଫାଇନାଲ୍ରେ ବେଙ୍ଗଲ ଯୋଡ଼ି ଆକାଂକ୍ଷା ଘୋଷ ଓ ଶ୍ରୀନିୟା ଘୋଷଙ୍କୁ ୬-୨, ୬-୩ରେ ପରାସ୍ତ କରିଥିଲେ । ଏକକ ଫାଇନାଲରେ କିନ୍ତୁ ଅର୍ଣ୍ଣାଙ୍କୁ ବେଙ୍ଗଲର ସମୃଦ୍ଧା ବାସୁ ୬-୧, ୬-୦ରେ ହରାଇ ଟ୍ରଫି ବିଜୟିନୀ ହୋଇଥିଲେ । ଭୁବନେଶ୍ୱର ଝିଅ ଅର୍ଣ୍ଣାଙ୍କୁ ଏସ୍ଏସ୍ ଟେନିସ୍ ଏକାଡେମିରେ ଏହାର ମୁଖ୍ୟ ଶୁଭ୍ରାଂଶୁ ଚରଣ ଷଡ଼ଙ୍ଗୀ ପ୍ରଶିକ୍ଷଣ ଦେଉଛନ୍ତି । ଅର୍ଣ୍ଣା ତାଙ୍କ ଖେଳ ଜୀବନର ପ୍ରଥମ ଟିଏସ୍ ଟ୍ରଫି ଜିତିଥିବାରୁ ଶ୍ରୀ ଷଡ଼ଙ୍ଗୀ ଖୁସି ଜାହିର କରିଛନ୍ତି ।

ଅନ୍ୟପକ୍ଷରେ ଗୁଜରାଟର ଅହମଦାବାଦରେ ଅନୁଷ୍ଠିତ ଆଇଟା ସୁପର୍ ସିରିଜ୍ (ଏସ୍ଏସ୍) ପ୍ରତିଯୋଗିତାର ୧୪ ବର୍ଷରୁ କମ୍ ବର୍ଗରେ ଉଦୀୟମାନ ତାରକା ସୋହିନୀ ମହାନ୍ତି ଦ୍ୱିମୁକୁଟ ଅର୍ଜନ କରିଛନ୍ତି । ଏକକ ଫାଇନାଲରେ ସୋହିନୀ ହାଇଦ୍ରାବାଦର ବଂଶିକା ମାରିଆ ଭେ ?ଜ ବସନ୍ତଙ୍କୁ ୬-୦, ୬-୦ରେ ପରାସ୍ତ କରିଥିଲେ । ଅବନି ସୁଜିଥ ଚିତାଲେଙ୍କୁ ସାଥୀ କରି ଖେଳିଥିବା ସୋହିନୀ ବାଳିକା ଯୁଗଳ ଫାଇନାଲରେ ଗୁଜରାଟର ପ୍ରାର୍ଥୀ ସୋଲାଙ୍କୀ ଓ ପ୍ରିୟଙ୍କା ସଞ୍ଜୟ ରାଣାଙ୍କୁ ୬-୧, ୬-୪ରେ ପରାସ୍ତ କରିଥିଲେ । ଗତ ମାସରେ ଜାତୀୟ ପ୍ରତିଯୋଗିତାରେ ଉପବିଜୟିନୀ ହୋଇ ଇତିହାସ ରଚିଥିବା ସୋହିନୀ ୨୦୨୧ ମସିହାରେ ଡଜନେରୁ ଉର୍ଦ୍ଧ୍ୱ ଆଇଟା ସର୍କିଟ ଟ୍ରଫି ଜିତି ସଫଳ ଯାତ୍ରା ଜାରି ରଖିଛନ୍ତି । ଫାରହାନ୍ ଅଲୀ ଟେନିସ୍ ଏକାଡେମିରେ ସୋହିନୀ ନିଜ ଖେଳ ଜୀବନ ଗଢ଼ି ସଫଳତା ପାଇଛନ୍ତି । ସୋହିନୀ କିଟ୍ ଛାତ୍ର ହୋଇଥିବାରୁ ଏହାର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ତେନ୍ଦୁଲକରଙ୍କୁ କରୋନା

ମୁମ୍ବାଇ (ଏଜେନ୍ସି): ପୂର୍ବତନ ଭାରତୀୟ ଅଧିନାୟକ ସଚିନ ତେନ୍ଦୁଲକର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ତାଙ୍କର କୋଭିଡ ରିପୋର୍ଟ ପଜିଟିଭ୍ ଆସିବାର ୬ ଦିନ ପରେ ସତର୍କତାମୂଳକ ପଦକ୍ଷପ ଲାଗି ସେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ୪୭ ବର୍ଷୀୟ ସଚିନ୍ ଟ୍ୱିଟ କରି ସୂଚନା ଦେଇଛନ୍ତି ଯେ "ମୋର ଶୁଭକାଂକ୍ଷୀମାନଙ୍କୁ ଧନ୍ୟବାଦ । ସତର୍କତାମୂଳକ ପଦକ୍ଷପ ଲାଗି ମୁଁ ଡାକ୍ତରଖାନାରେ ଭର୍ତ୍ତି ହୋଇଛି । ମୋର ବିଶ୍ୱାସ, କିଛି ଦିନ ମଧ୍ୟରେ ଘରକୁ ଫେରିବି । ସମସ୍ତଙ୍କୁ ଅନୁରୋଧ ନିଜର ଯତ୍ନ ନିଅନ୍ତୁ ଏବଂ ସୁସ୍ଥ ରୁହନ୍ତୁ" ବୋଲି ଟ୍ୱିଟ୍ କରିଛନ୍ତି ସଚିନ୍ ।

ତିର୍ତ୍ତୋଲ ବ୍ଲକ୍ ତଥା ଇବ୍ରିଙ୍ଗି ଗ୍ରାମପଞ୍ଚାୟତର ସମସ୍ତ ଗୁରୁଜନ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ବ୍ୟବସାୟୀ, କର୍ମଚାରୀ, ଯୁବବନ୍ଧୁ, ଭାଇ ଓ ଭଉଣୀମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ସେମାନଙ୍କ ଜୀବନ ସୁଖମୟ ହେଉ ଓ ଚଲାପଥ କୁସୁମିତ ହେଉ ଏହା ମା' ଶାରଳାଙ୍କ ନିକଟରେ ଆମର ପ୍ରାର୍ଥନା.....
ବିଜୁ ଜନତା ଦଳ
ଯୁବ ସମାଜସେବୀ ତଥା ଯୁବନେତା
ଶ୍ରୀ ଶୁକାନ୍ତ କୁମାର ଦାସ
ଇବ୍ରିଙ୍ଗି ଗ୍ରା:ପ:, ତିର୍ତ୍ତୋଲ, ଜଗତସିଂହପୁର
ବେଦଶ୍ରୀ ବନ୍ଦନା ଦାସ
ସରପଞ୍ଚ
ଇବ୍ରିଙ୍ଗି ଗ୍ରା:ପ:, ତିର୍ତ୍ତୋଲ, ଜଗତସିଂହପୁର

ପବିତ୍ର ଉତ୍କଳ ଦିବସ ଏବଂ ଓଡ଼ିଆ ନବବର୍ଷ ଅବସରରେ କୁଜଙ୍ଗ ବ୍ଲକ ତଥା ତାଳପଦା ପଞ୍ଚାୟତର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ, ଗୁରୁଜନ, ବ୍ୟବସାୟୀ, କର୍ମଚାରୀ, ଯୁବବନ୍ଧୁ ଓ ସମବାୟବିତ ଭାଇ ଭଉଣୀମାନଙ୍କୁ ମୋର ଶୁଭ ଅଭିନନ୍ଦନ ।
ସମୀର କୁମାର ବିଶ୍ୱାଳ
ବିଜୁଜନତା ଦଳ, ଯୁବନେତା
ବୋଧେଇ ଗ୍ରାମ ପଞ୍ଚାୟତ, ତିର୍ତ୍ତୋଲ

ପବିତ୍ର ଉତ୍କଳ ଦିବସ ଓ ଓଡ଼ିଆ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ
ଏରସମା ବ୍ଲକ ତଥା ଭିତର ଅନ୍ଧାରୀ ଓ କୁଞ୍ଜକୋଠି ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ, ସମବାୟବିତ୍, କୃଷି ଓ କୃଷକ ଭାଇ ଭଉଣୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କୁ ଶୁଭକାମନା କରୁଛି ।
ଅଲେଖ ଚରଣ ମହାପାତ୍ର
ସମ୍ପାଦକ, ଭିତର ଅନ୍ଧାରୀ ସେବା ସମବାୟ ସମିତି, ଏରସମା

ଉତ୍କଳ ଦିବସ ଏବଂ ଓଡ଼ିଆ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ
ଏରସମା ବ୍ଲକ ଓ ଢିଙ୍କିଆ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ, ସମବାୟବିତ୍, କୃଷି ଓ କୃଷକ ଭାଇ ଭଉଣୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସମସ୍ତ ଶୁଭକାମନା କରୁଛି ।
ସୂର୍ଯ୍ୟକାନ୍ତ ଲେଙ୍କା
ଢିଙ୍କିଆ ସେବାସମବାୟ ସମିତି ଲିଃ
ଏରସମା, ଜଗତସିଂହପୁର

ପବିତ୍ର ଉତ୍କଳ ଦିବସ ଏବଂ ଓଡ଼ିଆ ନବବର୍ଷ ଅବସରରେ କୁଜଙ୍ଗ ବ୍ଲକ ତଥା ତାଳପଦା ପଞ୍ଚାୟତର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ, ଗୁରୁଜନ, ବ୍ୟବସାୟୀ, କର୍ମଚାରୀ, ଯୁବବନ୍ଧୁ ଓ ସମବାୟବିତ ଭାଇ ଭଉଣୀମାନଙ୍କୁ ମୋର ଶୁଭ ଅଭିନନ୍ଦନ ।
ଅଜୟ କୁମାର ସାହୁ
(ଅଜୁଭାଇ)
ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଓ ବିଜେଡ଼ି ଯୁବନେତା
ରାହାମା, ଜଗତସିଂହପୁର

ନିୟମିତ ନିଷ୍କର୍ଷ ମିଡିଆର୍ ୟୁଟୁବ୍ ଚ୍ୟାନେଲ୍ ଦେଖନ୍ତୁ
ନିଷ୍କର୍ଷ NISHKARSHA
ଯଦି ସବସ୍କ୍ରାଇବ୍ କରିନାହାନ୍ତି ଆଜି ହିଁ ମୋବାଇଲରେ ସବସ୍କ୍ରାଇବ୍ କରନ୍ତୁ
Nishkarsha Media
ଲାଇକ୍, କମେଣ୍ଟ୍ ଓ ସେୟାର କରନ୍ତୁ

Suresh Ch. Prusty (Mantu)
Proprietor
Mob : 9238991187
SRI KRUSHNA
Jewellery
22 CT. GOLD & SILVER ORNAMENTS
Kalinga Bazar (In front of Choudwar Police Station)
Choudwar, Cuttack

ପବିତ୍ର ଉତ୍କଳ ଦିବସ ଏବଂ ଓଡ଼ିଆ ନବବର୍ଷ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ
ଏରସମା ବ୍ଲକ ତଥା ଜପା ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ, ଶିକ୍ଷାବିତ, ଗୁରୁଜନ, ବ୍ୟବସାୟୀ, କର୍ମଚାରୀ, ଯୁବବନ୍ଧୁ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭକାମନା ।
ସମସ୍ତଙ୍କ ଚଲାପଥ କୁସୁମିତ ହେଉ ଏହାହିଁ ଜଗତରନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ନିଶାକର ରାଉତ
(ସମାଜସେବୀ)
ବର୍ତ୍ତୋଳ, ଜପା, ଏରସମା

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ବସନ୍ତ କିଶୋର ନାୟକ
ଆବିର୍ଭାବ: ୧୯୩୭- ତିରୋଧାନ: ୨୨/୩/୨୦୨୧
ବଡିଲୋ, ପିପଳ ମାଧବ, ତିର୍ତ୍ତୋଲ
ଦେଖୁଦେଖୁ ଏଗାର ଦିନ ବିତିଗଲା
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ
ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ପୁତ୍ର: ପ୍ରଫେସର ବିବେକାନନ୍ଦ ନାୟକ, ବୋହୂ : ସୀମାରାଣୀ
ଓ ନାୟକ ପରିବାର ବୃନ୍ଦ

Printed and Published by Tapan Kumar Sahoo. Owned by Tapan Kumar Sahoo. Printed at Sakuntala Printers, Bidanasi, Cuttack, Odisha.
Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025(ODISHA). Mob- 8895134289, 9938725879. Email : nishkarsha.media@gmail.com.
Editor : TAPAN KUMAR SAHOO
ସମ୍ପାଦକ: ତପନ କୁମାର ସାହୁ